ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

**ପର୍ଯ୍ୟବେକ୍ଷକ ସମ୍ପାଦକୀୟ**

**ଭୁବନେଶ୍ୱର, ୨୦୨୫, ଜୁନ ୨୨**

# ଛତ୍ରପୁର ଥିଲା ମାଆର କର୍ମସ୍ଥଳ ଓ ମୋର ଜନ୍ମସ୍ଥାନ



ଆଦିତ୍ୟ ଦାସ

ଦୀର୍ଘ ୪୬ ବର୍ଷର (୧୯୭୯-୨୦୨୫) ବ୍ୟବଧାନ ପରେ ଗତ ଫେବୃଆରୀ ୧୭ ତାରିଖରୁ ମାର୍ଚ୍ଚ ୨୭ ତାରିଖ ପର୍ଯ୍ୟନ୍ତ ଛତ୍ରପୁରରେ ରହିବାକୁ ପଡିଥିଲା ମୋତେ ସହକର୍ମୀଙ୍କ ସହ ପରୀକ୍ଷାରେ କପି ରୋକିବା ଦାୟିତ୍ୱରେ । ଯିବା ଦିନରୁ ହିଁ ଝୁରୁଥିଲି କେହି ଜଣେ ୪୬ ବର୍ଷ ତଳର ଆମକୁ (ମା ଓ ମୋତେ )ମନେ ରଖିଥିବା ଲୋକ ଚରିତ୍ରଙ୍କୁ ଯାହାଙ୍କର ନାମ ଥିଲା ପୂର୍ଣ୍ଣ ମାମୁଁ କିମ୍ବା ଜନାର୍ଦ୍ଦନ ମାମୁଁ । ସେଥିପାଇଁ ଦଶ ଦିନ ଲାଗିଗଲା । ଯାଜପୁର, ରାଉରକେଲା ଓ ସମ୍ବଲପୁରରୁ ଚାରିଜଣ ଅଧ୍ୟାପକଙ୍କୁ ନେଇ ଏକ ଉଡ଼ନ୍ତା ଦଳ ବା ଲକ୍ଷଛସଭଶ ଗ୍ମକ୍ତଙ୍କବୟ (ଏବେ ରହିବା ଦଳ ପରୀକ୍ଷା ଆରମ୍ଭରୁ ଶେଷ ପର୍ଯ୍ୟନ୍ତ !)ଗଠନ କରାଯାଇଥିଲା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା +୨ ବା ଦ୍ୱାଦଶ ପରୀକ୍ଷା ବିଜ୍ଞାନ, କଳା, ବାଣିଜ୍ୟ ଓ ଧନ୍ଦାମୂଳକ ରେ କପି ରୋକିବା ପାଇଁ । ସେଥିରେ ସକାଳ ସାଢେ ଛଟା ରୁ କାମ ଆରମ୍ଭ ପରୀକ୍ଷା ଦିନମାନଙ୍କରେ ଫେରିଲାବେଳକୁ ସର୍ବନିମ୍ନ ସାଢେ ତିନିଟା । ଛତ୍ରପୁର ସରକାରୀ ମହାବିଦ୍ୟାଳୟରେ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କ ସହଯୋଗରୁ ଏକ ସୁନ୍ଦର ଘରଟିଏ ଉପରତାଲା ରେ ମିଳିଥିଲା ରହିବା ପାଇଁ । ସେଠାକାର ଜିତୁ ବାବୁ ଓ ସରସ୍ୱତୀ ଦେବୀଙ୍କ ଘର ଝାଡୁ କରିବାରେ ସହଯୋଗ, ସୁରେଶ ଓ ଲିଙ୍ଗା ବାବୁଙ୍କ ବୋତଲରେ ପାଣି ଯୋଗାଇବାର ସାହାଯ୍ୟ ସାଙ୍ଗକୁ ମୁଖ୍ୟଫାଟକ ଆମ ପାଇଁ ଖୋଲାଖୋଲି କରିବାରେ ସାହାଯ୍ୟ, ପ୍ରଶାନ୍ତବାବୁଙ୍କ ପାଣି ଅଭାବ ନ ହେବା ପାଇଁ ସବୁବେଳେ ପାଣି ମଟର ଚଳାଇ ଟାଙ୍କି ରେ ରଖିବାର ପ୍ରଚେଷ୍ଟା ଓ ଜଗଦୀଶ ବାବୁଙ୍କର କାର ରେ ନେଇ ମା ତାରାତାରିଣୀ ମନ୍ଦିର ଗୋପାଳପୁର ସମୁଦ୍ରକୂଳ ବୁଲାଇବା ଓ ସାନଭାଇ ବାହାଘର ର ଭୋଜି ଖୁଆଇବା ସବୁଦିନ ମନେ ରହିବ । ଅନତି ଦୂରରେ ସୁଜିତ ବାବୁଙ୍କ ଜଳଖିଆ ଓ ଖାଇବା ଦୋକାନର ସ୍ମୃତି ଅଭୁଲା । କର୍ତବ୍ୟ, ଖାଇବା, ଶୋଇବା ଓ ବୁଲିବା ପରେ ବି ମନ ଖୋଜୁଥିଲା ଅତୀତକୁ ।

ଅତୀତକୁ କହୁ କହୁ କହି ବସିଲି ରହୁଥିବା ମହାବିଦ୍ୟାଳୟର ଅବସରପ୍ରାପ୍ତ କିରାଣୀ ଶ୍ରୀଯୁକ୍ତ ରାମବିହାରୀ ବନ୍ନ ମହୋଦୟଙ୍କୁ । ସେ ଶ୍ରୀଯୁକ୍ତ ପୂର୍ଣ୍ଣ ଚନ୍ଦ୍ର ସାହୁଙ୍କ ନାମ ଶୁଣି କହିଲେ,'ସେ ଅଛନ୍ତି, ମୋ ସାଙ୍ଗରେ ପ୍ରାୟ ସବୁଦିନେ ସକାଳୁଆ ଚାଲିରେ ଯାଉଛନ୍ତି କିନ୍ତୁ ସେ ସେ ସମୟର ପୂର୍ଣ୍ଣ ବାବୁ କି ଆଉ କିଏ ତାହା ବୁଝିବାକୁ ପଡିବ ।'ସେ ବୁଝାବୁଝି କରିବା ପାଇଁ ଚାରି ଦିନ ସମୟ ନେଲେ । ଦିନେ ଛୁଟିଦିନ ଦେଖି ମୋତେ ତାଙ୍କ ସ୍କୁଟିରେ ନେଇ ପହଁଚିଲେ । ଘର ଦୁଆର ମୁହଁରୁ ଜାଣିଲୁ ସେ ପୋଲିସ ବିଭାଗରେ ଥିଲେ ଓ ବରିଷ୍ଠ କିରାଣୀ ଭାବେ ଅବସରପ୍ରାପ୍ତ । ନମସ୍କାର ଜଣାଇଲି । ଏ ଚରିତ୍ରଙ୍କୁ ଦୁଇଦିନ ତଳେ ଛତ୍ରପୁର ପୁରୁଣା ବସ୍ଷ୍ଟାଣ୍ଡ ନିକଟରେ ଦେଖି ମୁଁ ଭାବିଥିଲି ଇଏ ହେବେକି !ସତକୁ ସତ ସେଇ ଲୋକଙ୍କୁ ପରିଚୟ ଦେଲି, କୁନ୍ଥୁକୁନ୍ଥୁ ହେଲେ । ଏତେ ଦିନର କଥା ମନେ ପକାଇ ପାରିଲେ ନାହିଁ । ମା ବିଷୟରେ କହିଲି । ଆପଣ ମୋତେ ପାଠ ପଢାଉ ଥିଲେ, କାନ୍ଧରେ ବସାଇ ବୁଲାଉଥିଲେ, ଅମୁଲ ଡବା କିଣି ଆଣି ଦେଉଥିଲେ, ଆଉ ଜଣେ ଜନାର୍ଦ୍ଦନ ମାମୁଁ (ସେ ଏବେ ସ୍ୱର୍ଗବାସୀ) ବୋଲି ଥିଲେ । ସେ ତାପରେ ମନେ ପକାଇ କହିଲେ, 'ମା ଆପଣଙ୍କର ଭାରି ପତଳା । ତାଙ୍କ ମା ବି ଏଠାରେ ରହୁଥିଲେ । ହଁ, ମୁଁ ତାଙ୍କ ଘରକୁ ପଢାଇବାକୁ ଯାଉଥିଲି । ତୁମେ ତାହେଲେ ସେହି ପିଲା ଯିଏ ଆଜି ତେପନ ବର୍ଷ ବୟସରେ ମୋ ଆଗରେ ଠିଆ ହୋଇଛ !ସେ ବି କାନ୍ଦି ପକେଇଲେ, ମୁଁ ବି ଲୁହେଇ ଗଲି । ତାଙ୍କୁ ମା ସହିତ ଭ୍ରମ୍ୟାଭାଷରେ କଥା କରେଇଦେଲି । ସେ କାନ୍ଦିକାନ୍ଦି କଥାହେଲେ । ମାକୁ କହିଲେ କେବେ ଆସନ୍ତୁ ପରିବାର ସହ ବୁଲିବାକୁ । ମୁଁ ବି କଥା ଦେଇଛି ଯିବି ବୋଲି ।ମା ତାରାତାରିଣୀ ଓ ମା ବୁଢ଼ୀ ଠାକୁରାଣୀ ଯେବେ ଚାହିଁବେ ସେବେ ଏ ଇଛା ପୂର୍ଣ୍ଣ ହେବ ପୂର୍ଣ୍ଣମାମୁଁଙ୍କୁ ଦେଖା କରିବାରେ । ଟାମ୍ପରା ହ୍ରଦ, ମା ତାରାତାରିଣୀ ପୀଠ ଓ ଗୋପାଳପୁର ସମୁଦ୍ରକୂଳ ଇତ୍ୟାଦି ଚୁମ୍ବକେ ଚୁମ୍ବକେ ବୁଲା ହୋଇଛି ଛୁଟି ଦିନେ ।

ଏ ତ ଗଲା ସ୍ମୃତି । ଏବେ ବର୍ତମାନର କଥା କହିବା । ଯେତେଗୁଡିଏ ମହାବିଦ୍ୟାଳୟ ବା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରମ୍ଭା, ହୁମା, ଗଞ୍ଜାମ, ସୁବଳୟା, ପୁରୁଷୋତମପୁର, ଖଲିକୋଟ, ପୋଲସରା, ନରେନ୍ଦ୍ରପୁର, ଭାଟକୁମୁଡ଼ା, ଆମ୍ବପୁଆ, ଆସ୍କା, କୋଦଳା, ଭଞ୍ଜନଗର, ବୁଗୁଡ଼ା ଓ ବେଲଗୁଣ୍ଠା ପନ୍ଦର ଦିନ ପରୀକ୍ଷାରେ ବୁଲିଛି ଦୁଇଟି ପରୀକ୍ଷା କେନ୍ଦ୍ରକୁ ଛାଡି ଅନ୍ୟମାନେ ରାଗିଛନ୍ତି । ପାଣି ଟିକେ ବି ଯାଚି ନାହାଁନ୍ତି ନ ମାଗିବା ପର୍ଯ୍ୟନ୍ତ । ଏଥିରୁ ଗୋଟିଏ କଥା ସ୍ପଷ୍ଟ ଏମାନେ ପିଲାଙ୍କୁ ଡାକିଥାଆନ୍ତେ ଯେହେତୁ ଏମାନେ ପିଲାଙ୍କୁ ମନା କରିଥିଲେ କପି ଆଣିବାକୁ ।କି ସୁନ୍ଦର ଚିନ୍ତାଧାରା !ପ୍ରଥମ ଦଳରେ ଯେଉଁମାନେ ଥିଲେ ସେମାନେ ଠିକ୍ କର୍ତବ୍ୟ କରୁଥିଲେ ମାନେ ଚାରି ପା* ଘଂଟା ଅତିକମ୍ ରେ ଗୋଟିଏ ପରୀକ୍ଷା କେନ୍ଦ୍ରରେ ରହୁଥିଲେ,ଜଗୁଥିଲେ ମାତ୍ର ପନ୍ଦର ଦିନ ପରେ ଯେତେବେଳେ ଆଉ ଦୁଇଜଣ ଯୋଗ ଦେଲେ ଦୁଇଜଣଙ୍କ ବଦଳରେ ସେତେବେଳେ ଏ ଦୁଇ ଜଣଙ୍କୁ ଇ. ଓ ରୂପକ ଡ୍ରାଇଭର ଜଗିବାକୁ ଲାଗିଲା ମାନେ ଏ ଦୁଇଜଣ କେଉଁଦିନ କର୍ତବ୍ୟ କଲେ ନାହିଁ, କେଉଁଠାରେ ବି ରହିଲେନି ବରଂ ସାଙ୍ଗ ହୋଇ ଏ ମହାବିଦ୍ୟାଳୟରୁ ସେ ଉଚ୍ଚ ମାଧ୍ୟମିକ ବିଦ୍ୟାଳକୁ କାର ରେ ବୁଲିଲେ କେଉଁଠି ଖାଇଲେ, କେଉଁଠି ଗପିଲେ, କେଉଁଠି ବନ୍ଧୁବାନ୍ଧବ ଖୋଜିଲେ ଓ ଫେରିକି ବଡବଡ କଥା କହିଲେ । ଦୁନିଆ ଏମିତି ହିଁ ଚାଲିଛି !ଚମତ୍କାର ବ୍ୟବହାର, ଚମତ୍କାର କଥାବାର୍ତା ମାତ୍ର ମଚ୍ଚାର କର୍ମ ଯେଉଁଥିପାଇଁ ମାସିକିଆ ମିଳୁଛି । ଏଠି ସମସ୍ତେ ସବୁ ଜାଣନ୍ତି ମାତ୍ର ଛଳନା କରନ୍ତି । ତଥାପି ଚାଲୁ ଏମିତି ଜୀବନ । ଜୀବନ ଥିଲେ ସ୍ମୃତି ଅଛି, ସ୍ମୃତି ଥିଲେ ମଣିଷ ଅଛି ଓ ଘଟଣା ବି ଅଛି । ନା, କ'ଣ କହିଛନ୍ତି ଆଜ୍ଞା ?

*କ୍ଷେତ୍ରପାଳ, ଚଣ୍ଡୀଖୋଲ, ଯାଜପୁର*

# ମନର କୋହ : ଏକ ପ୍ରତିବେଦନ



ଉମାଶଙ୍କର ପ୍ରସାଦ

ଆମ ଦେଶର ଗଣତନ୍ତ୍ର ଆଜି ବିକଳାଙ୍ଗ । ଠାକୁର ଅନୁକୂଳ ଚନ୍ଦ୍ର ଆଜିର ଗଣତନ୍ତ୍ର ବିଷୟରେ ନିଜର ମତଦେଇ କହିଲେ "Today's Democracy is the syrenic display of autocracy in the name of the people"ଅର୍ଥାତ ଯିଏ ଶାସନ କଲା ସେ ନିଜର ଆଧିପତ୍ୟ ଲୋକଙ୍କ ନାମରେ ଚଳାଇଲା । ମାତ୍ର ଗଣତନ୍ତ୍ର କହିଲେ ଯେଉଁ ସମ୍ଭାବନା ଓ କ୍ରୀୟାଶୀଳତାମାନ ଏକ ପ୍ରତ୍ୟୟ ଯାତ କରାଏ ତାଠାରୁ ଏହା ଯୋଜନ ଯୋଜନ ଦୁରରେ ରହିଛି ବୋଲି ଅତି ସହଜରେ ଆଖିକୁ ଜଣା ପଡିଯାଏ । ସମାଜର ତୃଣ ମୂଳସ୍ତର କିମ୍ବା ଅନ୍ୟସ୍ତରକୁ ଏହା ନିଜର ମୂଳସ୍ୱରୁପରେ ଅଦ୍ୟାବଧି ବ୍ୟାପି ନଥିବାର କେତେ କେତେ ପ୍ରମାଣ ମିଳିଥାଏ । ଅନ୍ୟ ପକ୍ଷରେ କହିବାକୁ ଗଲେ ଭାରତୀୟ ସମାଜରେ ଗଣତନ୍ତ୍ରକୁ ଜୀବନ ବଂଚିବାର ଏକ ଶୈଳୀ ରୂପେ ଅନୁମୋଦନ ଜଣାଇବା ପାଇଁ ମାଟି ଆଂଜୁଳାଏ ସୁଦ୍ଧା ପଡିନାହିଁ ବୋଲି ଅନୁମିତ ହୁଏ । ସେଥିପାଇଁ ଜନସାଧାରଣଙ୍କ ଜୀବନ ଦେଶ ସ୍ୱାଧୀନତା ପାଇବାର ୭୮ ବର୍ଷ ପରେ ମଧ ଜୀବନ ନଥିବା ମେସିନ ପରି ମାଟି ଖାତ ପରି ବ୍ୟବହୃତ ହେଉଛି । ବ□ମାନ ଭାରତବର୍ଷରେ ୨୭୬୩ ଟି ରାଜନୈତିକ ଦଳ ! ମାତ୍ର ଦୁଃଖ ଓ ପରିତାପର ବିଷୟ ତନ୍ମଧ୍ୟରୁ ଅଧିକାଂଶ ଦଳର ଭିତି ଜାତି, ଉପଜାତି ଏବଂ ନେତାର ବ୍ୟକ୍ତିଗତ ଉଚ୍ଚାଭିଳାଷ ଏବଂ ଅହଂ, ଔପଚାରିକତା ଦୃଷ୍ଟିରୁ ଆଦର୍ଶ ନେତାର ତାଲିକାଟିଏ ଏପର୍ଯ୍ୟନ୍ତ ପ୍ରସ୍ତୁତ ହୋଇ ପାରିନାହିଁ । ଏ କଥା ଏଠାରେ ଅବତାରଣା କରିବାର ଅର୍ଥ ଆଜକୁ ୧୫ ବର୍ଷ ତଳକୁ ଫେରିଗଲେ ଜଣାଯାଏ ଅତିତ ନିର୍ବାଚନରେ ବିପୁଳ ସଂଖ୍ୟକ ଦଳ ମଧ୍ୟରୁ ୧୬୫୨ ଟି ଦଳର ଜଣେ ମଧ ପ୍ରାର୍ଥୀ ନିର୍ବାଚିତ ହୋଇପାରି ନଥିଲେ । କିନ୍ତୁ ଏମାନେ ଭେଦ ଭାବ ସୃଜିବାରେ, ଲୋକଙ୍କୁ ବିଭ୍ରାନ୍ତ କରିବାରେ, ଯୋଗ୍ୟ ପ୍ରାର୍ଥୀଙ୍କୁ ପରାଜିତ କରିବା ଦିଗରେ ଏମାନଙ୍କ ଭୂମିକା ବିଭୀଷିକାମୟ ହୋଇଥାଏ ।

ନିର୍ବାଚନ ପରମ୍ପରା ଆଜି ଏପରି ପର୍ଯ୍ୟାୟରେ ପହ□ଛି, ବିପୁଳ ଅର୍ଥ ନ ଥିଲେ, ଅସତକାର୍ଯ୍ୟ କଲା ଭଳି ମାନସିକତା ନଥିଲେ, ଜଣେ ନିର୍ବାଚନ ଲଢି ପାରିବ ନାହିଁ । ଅତଏବ ଉଭୟ ବିଜୟୀ ଓ ପରାଜିତ ପ୍ରାର୍ଥୀମାନଙ୍କ ମଧ୍ୟରେ ବହୁ ବ୍ୟକ୍ତି ଯେ ପ୍ରଭୂତ ବି□ଶାଳୀ, ବହୁ ବ୍ୟକ୍ତି ଯେ ନାନାଦି ଅପରାଧରେ ଅଭିଯୁକ୍ତ ସେଥିରେ ଆଶ୍ଚର୍ଯ୍ୟ ହେବାର ଅବକାଶ ନାହିଁ । କେବଳ ଦୁଃଖ ଏବଂ ହତାଶ ଅନୁଭବ କରିବା ହିଁ ସାର । ଅତିତର ଗଣତନ୍ତ୍ରର ପଛଭୂମି କଥା ବିଚାର କଲେ ଜଣାପଡେ ବହିରାକ୍ରମଣର ପୂର୍ବବ□ୀ ଭାରତବର୍ଷ ବିଭିନ୍ନ ରାଜା-ଶାସିତ ରାଜ୍ୟର ସମଷ୍ଟି ଥିଲା । ରାଜା-ପ୍ରଜା ସଂପର୍କ ମୁଖ୍ୟତଃ ଥିଲା ପ୍ରତୀକାତ୍ମକ । ଯୁଦ୍ଧ ବା ସେହିଭଳି ସଂକଟକାଳ ବ୍ୟତିରେକେ ରାଜ୍ୟବାସୀମାନେ ଏକ ବଳିଷ୍ଠ ସମାଜ ବ୍ୟବସ୍ଥା ଦ୍ୱାରା ସ୍ୱୟଂ-ଚାଳିତ ହେଉଥିଲେ । ଜୀବନ ପ୍ରତି ଦୃଷ୍ଟିକୋଣ ଆଜି ଭଳି ଉପାର୍ଜନ-ଭି□କ ଏବଂ ବିଳାସମୁଖୀ ନଥିଲା । ଦେଶବ୍ୟାପି ପ୍ରଚଳିତ ଥିଲା କେତେ ଧର୍ମ ଓ ଦାର୍ଶନିକ ମତବାଦ । ସେମାନଙ୍କ ଭିତରେ ବିବାଦ ବିସମ୍ବାଦ ଥିଲା, ସଂଘର୍ଷ ନଥିଲା । ପରବ□ୀ ସମୟରେ ଆସିଲେ ପଶ୍ଚିମ ଜଗତର ବଣିକ ଦଳ । ଶାସନ, ଧର୍ମ ଓ ଶୋଷଣଧର୍ମୀ ବାଣିଜ୍ୟକୁ ଏକାକାର କରି ସେମାନେ ଭାରତବର୍ଷକୁ ଦୟନୀୟସ୍ତରକୁ ଅବନମିତ କଲେ । ନବାବ୍, ରାଜା ଅମାତ୍ୟ, ଇଂରେଜ ଶାସକ ଓ ବିଚାରକ-ଏମାନଙ୍କୁ କେନ୍ଦ୍ର କରି ଗଢି ଉଠିଲେ ଆତ୍ମ-ସମ୍ମାନ ବିବର୍ଜିତ ସୁବିଧାବାଦୀ ଓ ଚାଟୁକାର ଗୋଷ୍ଠି । କ୍ରମେ ଭାରତର ଆତ୍ମା ଚାଲିଗଲା ଆମ ସ□ାର ଆଢୁଆଳକୁ । ଆଜିବି ସୁବିଧାବାଦୀ ଓ ଚାଟୁକାର ଗୋଷ୍ଠିଙ୍କ ଜାଲରେ ନେତୃବର୍ଗ ପରିଚାଳିତ । ଆଜି ରାଜନୀତିରେ ଆନୁଗତ୍ୟର ପ୍ରହସନ ବଳବ□ର ରହିଛି । ରାଜାଙ୍କ ପୁଅ ନାତି ଯେମିତି ସେହି ଆସନ ଓ କ୍ଷମତାର ଅଧିକାରୀ ହେବା ସ୍ୱାଭାବିକ, ଗଣତାନ୍ତ୍ରୀକ ଯୁଗରେ ସେହି ପ୍ରକ୍ରିୟା ବଳବ□ର ବୋଲି ଆମ ସଂସ୍କାର ଆମକୁ ପ୍ରବ□ାଇଥାଏ । କିନ୍ତୁ ଆଜି ସମୟର ଚକ୍ରରେ ଏହି ପରମ୍ପରା କିଛିଟା ବଦଳୁଛି । ସମୟ ଚକ୍ରରେ ଅତିତର ସେହି "ଆବ୍ରାହାମ ଲିଙ୍କନ୍ ଙ୍କ ରାଷ୍ଟ୍ରପତି ଆସନ ଆରୋହଣକୁ କୁହାଯାଏ "From log cabin to white House". ଆଜି ଭାରତର ପ୍ରଧାନମନ୍ତ୍ରୀଙ୍କ ସମ୍ପର୍କରେ କୁହାଯାଇପାରେ ଗରିବ କୁଡିଆରୁ ଲୋକ କଲ୍ୟାଣ ମାର୍ଗ ରେ ଅଧିଷ୍ଠିତ କିନ୍ତୁ ଦିନକୁ ଦିନ ତାଙ୍କର ଅହଂ ସାଧାରଣ ମଣିଷଙ୍କ ପାଖରୁ ତାଙ୍କୁ ଦିନକୁ ଦିନ ଦୁରେଇବାରେ ଲାଗିଛି । ସାଧାରଣ ଜନତା ମନରେ ପ୍ରଥମେ ତାଙ୍କ ଅଭ୍ୟୁଦୟରେ ଯେଉଁ ଆଶା ଉଦ୍ଧୀପନା ଦେଖା ଦେଇଥିଲା ତାହା ଏବେ ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି । ଯାହାର ପ୍ରମାଣ ବିଗତ ନିର୍ବାଚନ, ଆଜିବି ତାଙ୍କ ସରକାର ବୈଶାଖୀର ସରକାର । ବିଗତ ଶତାବ୍ଦୀରେ ଦୁଇ ଦୁଇଟି ମହାଯୁଦ୍ଧ ଆଉ ଯେଉଁ ସବୁ ବୈପ୍ଳବିକ ଘଟଣା ଘଟିଛି, ସେ ସମସ୍ତ ମଣିଷକୁ ଅଧିକରୁ ଅଧିକ ସ୍ୱାଧୀନତାର ସୁଯୋଗ ଦେଇଛି । ଏହି ସ୍ୱାଧୀନତାର ଉପେଯାଗ କରି ଆମେ ଆମ ଚେତନାର କ୍ରମାଗତ ବିକାଶ ଦିଗରେ ପ୍ରୟାସ ମୁଲତବି ରଖି ଅହଂ ର ସେବା କରି ଚାଲିଛୁଁ । ପୁଣି ଜାତି, ଧର୍ମ, ଆଦର୍ଶ ଇତ୍ୟାଦିକୁ ଭି□କରି ବ୍ୟକ୍ତିଗତ ଅହଂ ଯେତେବେଳେ ସମବେତ ଅହଂ ରୂପେ ପ୍ରକଟିତ ହୁଏ, ସେତେବେଳେ ସମାଜର ତଥା କଷ୍ଟାର୍ଜିତ ସଂସ୍କୃତିର ସ୍ଥିତି ହୁଏ ବିପନ୍ନ । ସେତେବେଳେ ଗଣତନ୍ତ୍ରର ସୁଯୋଗ ନେଇଥାଏ ସ୍ୱାର୍ଥ ଓ ଚାତୁର୍ଯ୍ୟ । ଭାରତ ବର୍ଷରେ ଗଣତନ୍ତ୍ର ଆଜି ଏହିଭଳି ଦୁର୍ଭାଗ୍ୟଜନକ ପର୍ଯ୍ୟାୟରେ ପହଂଚିଛି । ଅପରିହାର୍ଯ୍ୟ-ଯେଉଁ ଜାତିଭେଦ ଗଣତନ୍ତ୍ରର ଶତ୍ରୁ, ସେହି ଜାତିଭେଦ ହିଁ ଅନେକ ନେତାଙ୍କ ପାଇଁ ଆଦର୍ଶ । କୌଣସି ବ୍ୟକ୍ତି 'ସମଗ୍ର ଜନସାଧାରଣ' ବା ସମଗ୍ର ଜନସାଧାରଣର ପ୍ରତିନିଧି କଦାଚ ହୋଇପାରିବେ ନାହିଁ । ଗଣତନ୍ତ୍ରର ଦର୍ଶନ ହେଲା ଜଣେ ବହୁମତରେ ଶାସନ କାଳର ପୁରୋଧା ଆସନକୁ ଗଲେ ଭିନ୍ନ ମତବାଦୀମାନେ ମଧ ତାକୁ ପ୍ରତିନିଧି ଭାବେ ପରବ□ୀ ନିର୍ବାଚନ ପର୍ଯ୍ୟନ୍ତ ସ୍ୱୀକାର କରିଥାନ୍ତି । ତାର ଶାସନ କାଳରେ ସେ କେତେ ଲୋକାଭୀମୁଖୀ ହୋଇଛି ମତଦାତା ତାକୁ ବିଚାର କରିଥାନ୍ତି କିନ୍ତୁ ଆଜି ସେ ବିଚାର ଆଉ ନାହିଁ । ମତ ଦାତା ନିଜର ବିଚାର ବିବେକକୁ ଜଳାଂଜଳି ଦେଇ କିଛି ଅର୍ଥ ଲାଳସାରେ ଅଯୋଗ୍ୟ ବ୍ୟକ୍ତିଙ୍କୁ ନିଜର ନେତା ଭାବରେ ଚୟନ କରିବାରୁ ପ୍ରକୃତ ଗଣତନ୍ତ୍ର ଅଦ୍ୟାବଧି ଉପଲବ୍ଧି ହୋଇନାହିଁ । ଏକଦା ଭାରତବର୍ଷରେ ଗଣତନ୍ତ୍ର ନଥିଲା, ନିର୍ବାଚନ ନଥିଲା । କିନ୍ତୁ ତାହା ସ□ ଭାରତବର୍ଷରୁ ଉଦ୍‌ଭୁତ ହୋଇଥିଲା ଜୀବନର ମହ□ମ ଆଭିମୁଖ୍ୟ । ରାଜନୀତି ଆମ ଜୀବନର ଏକ ବହିର୍ଦିଗ ମାତ୍ର । ଆମ ବିବେକ ଓ ବୁଦ୍ଧିର ଯଥା ଯଥ ପ୍ରୟୋଗ ହିଁ ଗଣତାନ୍ତ୍ରିକ ରାଜନୀତିରେ ଆମେ ଆମ ଭୂମିକା ତୁଲାଇବା ନିମନ୍ତେ ଯଥେଷ୍ଟ । ଶେଷରେ ଏତିକି କହିବି ଯଦି ରାଜନୀତ ହେବ ଆମ ପ୍ରମ□ ଆବେଗ ପ୍ରବେଗ, ସର୍ବୋଚ ଆଶା ଅଭିଳାଷ, ସମ୍ମାନ ବା ଅସମ୍ମାନ, ଗ୍ଲାନି ବା ଉଲ୍ଲସବୋଧର ହେତୁ, ତେବେ ଆମେ ଆମ ଜୀବନର ତାତ୍ପର୍ଯ୍ୟ ଓ ଲକ୍ଷ୍ୟ ବିସ୍ମୃତ ବୋଲି ବୁଝିବାକୁ ପଡିବ ।

*ଖୋର୍ଦ୍ଧା (୬୩୭୦୬ ୭୫୫୬୨)*

# ପ୍ରାଥମିକ ଶିକ୍ଷାରେ ସଂସ୍କାର ଜରୁରୀ



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ପ୍ରାଥମିକ ବିଦ୍ୟାଳୟରେ ନାମଲେଖା କ୍ଷେତ୍ରରେ ଭାରତ ସାର୍ବଜନୀନ ସ୍ତରର ନିକଟତର ହୋଇଥିବା ନେଇ ନିକଟରେ ୟୁନୋସ୍କୋର ଗ୍ଲୋବାଲ ଏଜୁକେସନ ମନିଟରିଂ ରିପୋର୍ଟ(ଜିଇଏମଆର) ୨୦୨୪-୨୫ରେ ପ୍ରକାଶିତ ତଥ୍ୟ ନିଶ୍ଚିତ ଭାବେ ଦେଶର ଶିକ୍ଷାମନ୍ତ୍ରଣାଳୟ ପାଇଁ ଏକ ସୁଖଦ ଖବର କିନ୍ତୁ ଏଥିରେ ବଶେଷ ଭାବେ କିଛି ଖୁସି ହେବାର ନାହିଁ । କାରଣ ଅନ୍ୟ କେତେକ ଦେଶ ସହ ଭାରତରେ ନିମ୍ନମାନର ତଥା ଦୁର୍ବଳ ଶିକ୍ଷଣ ଫଳାଫଳ ନେଇ ରିପୋର୍ଟରେ କୁହାଯାଇଛି । ଜିଇଏମଆର ରିପୋର୍ଟରେ ଉଲ୍ଲେଖ କରିଛି ଯେ, ବିକାଶଶୀଳ ଦେଶଗୁଡିକରେ ୭୩ ପ୍ରତିଶତ ଶିଶୁ ୧୦ବର୍ଷ ବୟସ ସୁଦ୍ଧା ଏକ ସରଳ ପାଠ ପଢି ବୁଝିପାରୁନାହାଁନ୍ତି । ଏହି ସମସ୍ୟା ସମ୍ପର୍କରେ ମଧ ଭାରତର ଏକ ବେସରକାରୀ ସଂସ୍ଥା ଆନୁଆଲ ଷ୍ଟେଟ ଅଫ ଏଜୁକେସନ ରିପୋର୍ଟ(ଅସର) ଦେଶର ପ୍ରାଥମିକ ଶିକ୍ଷା ଅବ୍ୟବସ୍ଥା ସମ୍ପର୍କରେ ପ୍ରତିବର୍ଷ ଉଲ୍ଲେଖ କରିଆସୁଛି । ଅସର-୨୦୨୪ ରିପୋର୍ଟରେ ଦର୍ଶାଇଥିଲା ଯେ, ଦେଶରେ ମାତ୍ର ୨୭.୧ ପ୍ରତିଶତ ତୃତୀୟ ଶ୍ରେଣୀ ଏବଂ ୪୮ ପ୍ରତିଶତ ପଂଚମ ଶ୍ରେଣୀ ଛାତ୍ରଛାତ୍ରୀ ଦ୍ୱିତୀୟ ଶ୍ରେଣୀର ପାଠ ପଢିପାରୁନାହାଁନ୍ତି । ଏ ନେଇ ଅସର ତାର ରିପୋର୍ଟରେ ପ୍ରତିବର୍ଷ ଉଲ୍ଲେଖ କରି ଆସୁଥିବାବେଳେ ଶିକ୍ଷା ମନ୍ତ୍ରଣାଳୟ ତଥା ସରକାର ଏଥିପ୍ରତି ଆଖିବୁଜି ଦେଇଥିବା କହିଲେ ଅତିରଂଜିତ ହୋଇନପାରେ । ସେହିପରି ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କ୍ଷେତ୍ରରେ ଶିକ୍ଷକଙ୍କ ଭୂମିକା ଅନ୍ୟାନ୍ୟ । ଛାତ୍ରଛାତ୍ରୀଙ୍କୁ ଉନ୍ନତମାନର ଶିକ୍ଷା ପ୍ରଦାନ ପିଲାଙ୍କ ଫଳାଫଳ ନେଇ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏଥିଲାଗି ତାଲିମପ୍ରାପ୍ତ ଶିକ୍ଷକଙ୍କୁ ନିଯୁକ୍ତି ଅପରିହାର୍ଯ୍ୟ ହୋଇଥିବାବେଳେ ସରକାର ଏଥିପ୍ରତି ଗୁରୁତ୍ୱ ଦେଇନାହାଁନ୍ତି । ଏବେ ମେଳା ମାଧ୍ୟମରେ ଶିକ୍ଷକ ନିଯୁକ୍ତି କରାଯିବା ଏକ ପରମ୍ପରାରେ ପରିଣତ ହୋଇଛି । ଯାହାର ପରିଣତି ସ୍ୱରୂପ ନକଲି ପ୍ରମାଣପତ୍ର ଧାରୀ, ମୋଟା ଅଙ୍କର ଅର୍ଥ ବଦଳରେ ଶିକ୍ଷକ ନିଯୁକ୍ତି ହେଉଥିବା ନେଇ ଅଭିଯୋଗ ହେଉଛି । ନିକଟରେ ନ୍ୟାୟାଳୟର ନିର୍ଦ୍ଦେଶ କ୍ରମେ ଆମ ରାଜ୍ୟରେ ଶହଶହ ନକଲି ପ୍ରମାଣଧାରୀ ଶିକ୍ଷକ ଧାରା ହୋଇଥିବାବେଳେ ପଶ୍ଚିମବଙ୍ଗରେ ଲାଂଚ ଦେଇ ନିଯୁକ୍ତି ପାଇଥିବା ୩୦ହଜାରରୁ ଉର୍ଦ୍ଧ୍ୱ ଶିକ୍ଷକ ଚାକିରି ହରାଇଛନ୍ତି । ଭାତ ହାଣ୍ଡିରୁ ଗୋଟିଏ ଚିପିଲା ପରି ଏହି ଦୁଇଟି ଉଦାହରଣରୁ ଆମ ଦେଶରେ ଶିକ୍ଷକ ନିଯୁକ୍ତିର ଧାରା ଯଥେଷ୍ଟ ହୋଇପାରେ । କେବଳ ଶିକ୍ଷକ ନୁହଁନ୍ତି, ବିଦ୍ୟାଳୟର ନେତୃତ୍ୱ ନେଉଥିବା ପ୍ରଧାନ ଶିକ୍ଷକ ବା ପ୍ରିନସପାଲ୍ ନିଯୁକ୍ତିରେ ମଧ ଅନୁରୂପ ଅବସ୍ଥା ଥିବା ଜିଇଏମଆର ଉଲ୍ଲେଖ କରିଛି । ପ୍ରଧାନଶିକ୍ଷକ ବା ପ୍ରିନସିପାଲ୍‌ଙ୍କ ମନୋନୟନ ଓ ତାଲିମ ପ୍ରକ୍ରିୟାରେ ସମନ୍ୱୟ ଅଭାବ ଥିବା ରିପୋର୍ଟରେ ଦର୍ଶାଇଛି । ଏହା ନିସନ୍ଦେହ ଯେ, ଆମ ଦେଶରେ ନେତୃତ୍ୱ ଦକ୍ଷତା ଅପେକ୍ଷା ସେବାର ନିସନ୍ଦେହ ଯେ, ଆମ ଦେଶରେ ନେତୃତ୍ୱ ଦକ୍ଷତା ଅପେକ୍ଷା ସେବାର ଅବଧି ଏବଂ ଅନ୍ୟ ଯୋଗ୍ୟତା ଆଧାରରେ ପ୍ରଧାନ ଶିକ୍ଷକଙ୍କୁ ପଦୋନ୍ନତି ଦିଆଯାଇଥାଏ । ଯାହାକି ପରମ୍ପରାଗତ ଭାବେ ପ୍ରଚଳିତ ହୋଇ ଆସୁଛି । ଆହୁରି ମଧ ଏକ ସର୍ଭେକୁ ଆଧାର କରି ଜିଇଏମଆର ତାର ରିପୋର୍ଟରେ ଦର୍ଶାଇଛି ଯେ, ଭାରତରେ ଶିକ୍ଷାଦାନ କଥା ତଦାରଖ କରିବା ଅପେକ୍ଷା ସେମାନଙ୍କ ଉପରେ ଅନ୍ୟାନ୍ୟ ଦାୟିତ୍ୱ ତଥା ବିଭିନ୍ନ ତଥ୍ୟ ପ୍ରଦାନ, ମଧାହ୍ନ ଭୋଜନ ପ୍ରସ୍ତୁତି ଆଦି ଦିଆଯାଉଛି । ଯାହା ଫଳରେ ସେମାନେ ବିଦ୍ୟାଳୟର ନେତୃତ୍ୱ ତଥା ଶିକ୍ଷକମାନଙ୍କ ପାଠପଢାର ଶୈଳୀ ତଦାରଖ କରିପାରୁନାହାଁନ୍ତି । ଆହୁରି ପ୍ରଧାନଶିକ୍ଷକ ନିଯୁକ୍ତି କ୍ଷେତ୍ରରେ ଲିଙ୍ଗଗତ ବାଛବିଚାର ମଧ ପୁଅ ଓ ଝିଅଙ୍କ ଶିକ୍ଷା କ୍ଷେତ୍ରରେ ପ୍ରଭାବ ପକାଉଥିବା ରିପୋର୍ଟରେ କୁହାଯାଇଛି ଯାହାକି ଅଯର୍ଥାତ ମନେହୁଏ ନାହିଁ । ଜିଇଏମଆର ଆହୁରି କହିଛି ଯେ, କେବଳ ଭାରତ ନୁହେଁ, ବିଶ୍ୱର ୩୧ ପ୍ରତିଶତ ରାଷ୍ଟ୍ରରେ ପ୍ରାଥମିକ ବିଦ୍ୟାଳୟଗୁଡିକରେ ପ୍ରଧାନଶିକ୍ଷକ ବା ପ୍ରିନିସିପାଲ୍ ନିଯୁକ୍ତି କ୍ଷେତ୍ରରେ କୌଣସି ଆନୁଷ୍ଠାନିକ ବ୍ୟବସ୍ଥାନାହିଁ । ତେବେ ଭାରତର ପଡୋଶୀ ବଙ୍ଗଳାଦେଶ ଓ ଭିଏତନାମ ପ୍ରଧାନଶିକ୍ଷକ ନିଯୁକ୍ତି କ୍ଷେତ୍ରରେ ସଂସ୍କାର, ତାଲିମ ଏବଂ ବିଦ୍ୟାଳୟ ପରିଚାଳନାରେ ବିକେନ୍ଦ୍ରୀକରଣ କରି ଶିକ୍ଷାଦାନ ଫଳାଫଳକୁ ଉଲ୍ଲେଖନୀୟ ଭାବେ ଉନ୍ନତ କରିପାରିଛନ୍ତି । ସେମାନଙ୍କ ଠାରୁ କିଛି ଶିକ୍ଷା କରାଯାଇପାରେ । ଏହା ନିସନ୍ଦେହ ଯେ, ଦେଶରେ ପ୍ରାଥମିକ ଶିକ୍ଷା ଏବେ ଏକ ଉଦ୍‌ବେଗର କାରଣ ହୋଇ ରହି ଆସିଛି । ଦେଶରେ ସମସ୍ତଙ୍କୁ ଶିକ୍ଷା ବାଧ୍ୟତାମୂଳକ କରାଯାଇଛି । ଶିକ୍ଷାରେ ଉନ୍ନତି ପାଇଁ କେନ୍ଦ୍ର ସରକାର ଜାତୀୟ ଶିକ୍ଷାନୀତି ୨୦୨୦ ଲାଗୁ କରିଛନ୍ତି । ପ୍ରାଥମିକ ଶିକ୍ଷାର ଉନ୍ନତି ପାଇଁ ସରକାର କେତେକ ସଂସ୍କାର ତଥା ଉନ୍ନତିସାଧନ ପଦକ୍ଷେପ ଗ୍ରହଣ କରିବା ଜରୁରୀ । ଶିଖିବା ଓ ଶିଖାଇବା ଛାତ୍ରଛାତ୍ରୀ, ଅଭିଭାବକ ଓ ଶିକ୍ଷକଙ୍କ ଚିନ୍ତାର କାରଣ ହୋଇଥିବାବେଳେ ପ୍ରାଥମିକ ଶିକ୍ଷାର ସାଂପ୍ରତିକ ପଦ୍ଧତିରେ ସୁଧାର ଆଣିବା ପାଇଁ ଜାତୀୟ ଶିକ୍ଷାନୀତି ପଦକ୍ଷେପ ନେବାର ସମୟ ଏବେ ଆସିଛି ।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,ରୋଡ ନଂ-୩,
ଶିଶୁପାଳଗଡ,-୭୫୧୦୦୨

# ଚେତନା ବିକାଶରେ ଯୋଗ



ଡ଼ଃ.ଅରୁନ୍ଧତୀ ଦେବୀ

ଯୋଗ ମନୁଷ୍ୟର ଚେତନା ବିକାଶର ବିଜ୍ଞାନ ଅଟେ । ଯେଉଁଥିରେ ପଦାର୍ଥ, ଜୀବନ ଓ ଚେତନାର ସମନ୍ୱୟ ଥାଏ । ଭାରତୀୟ ପ୍ରାଚୀନତମ ଯୋଗ ପଦ୍ଧତି ଅନୁଯାୟୀ ମୂଳତଃ ଯୋଗ ହେଉଛି ୮୪ ପ୍ରକାରର । ତେବେ ତା'ମଧ୍ୟରୁ ସବୁଠାରୁ ମହତ୍ୱପୂର୍ଣ୍ଣ ଯୋଗ ହେଉଛି ବାରଟି । ତାହାହେଲା – ଜପଯୋଗ, ପ୍ରାଣଯୋଗ, ରାଜଯୋଗ, ହଟଯୋଗ, ଲୟଯୋଗ, ରଜୁଯୋଗ, ନାଦଯୋଗ, ଭକ୍ତିଯୋଗ, ଜ୍ଞାନଯୋଗ, କର୍ମଯୋଗ, ସ୍ୱରଯୋଗ, ମନ୍ତ୍ରଯୋଗ ଓ ତନ୍ତ୍ରଯୋଗ । ପତଞ୍ଜଳି ଯୋଗଶାସ୍ତ୍ରରୁ ଉପରୋକ୍ତ ଯୋଗର ପଦ୍ଧତି ପ୍ରଣୀତ । ରାଜଯୋଗ ହେଉଛି ଯୋଗ ମାନଙ୍କ ଭିତରେ ସବୁଠାରୁ ଶ୍ରେଷ୍ଠତମ ଯୋଗ । ମନର ସମସ୍ତ ପ୍ରକାର ବୃତିର ତରଙ୍ଗକୁ ସଂଯତ କରିଦେବା ହିଁ ରାଜଯୋଗର ଲକ୍ଷଣ । ପତଞ୍ଜଳିଙ୍କ ରାଜଯୋଗକୁ ଅଷ୍ଟାଙ୍ଗ ଯୋଗ କୁହାଯାଏ । ଦୁଃଖଶୋକରୁ ମୁକ୍ତି ପାଇବାର ରାଜମାର୍ଗ ହେଉଛି ଏହି ଯୋଗ । ଭାରତୀୟ ବିଭିନ୍ନ ପ୍ରାଚୀନ ଗ୍ରନ୍ଥରେ ଭକ୍ତିଯୋଗ, ଜ୍ଞାନଯୋଗ ଓ କର୍ମଯୋଗ ସମ୍ବନ୍ଧରେ ବିଭିନ୍ନ ତଥ୍ୟ ଲିପିବଦ୍ଧ ହୋଇଛି । ଶ୍ରୀମଦ ଭଗବତ ଗୀତାତ ସ୍ୱୟଂ ଯୋଗଶାସ୍ତ୍ର । ଜ୍ଞାନଯୋଗ ଅନୁସାରେ ବ୍ରହ୍ମଙ୍କ ସହିତ ଏକତ୍ର ଜ୍ଞାନ ହିଁ ମୁଖ୍ୟ । ବ୍ରହ୍ମ ଭାବରେ ସ୍ଥିତି ଲାଭ କରିବା ହିଁ ଜ୍ଞାନଯୋଗ ସାଧନାର ଲକ୍ଷ୍ୟ । କର୍ମ ହେଉଛି ବନ୍ଧନର କାରଣ । ଏଥିରୁ ମୁକ୍ତିଲାଭ କରିବା ସକାଶେ କର୍ମଯୋଗର ସାହାଯ୍ୟ ନିଆଯାଏ । ନରନାରାୟଣଙ୍କ ନିଃସ୍ୱାର୍ଥପର ସେବା କାର୍ଯ୍ୟକୁ ନିଷ୍କାମ କର୍ମଯୋଗ ବୋଲାଯାଏ । ଆଧାତ୍ମିକ ପିପାସୁଙ୍କ ମତରେ ଭଗବତ ପ୍ରାପ୍ତିର ସର୍ବାପେକ୍ଷା ସରଳ ଓ ସୁଗମ ମାର୍ଗ ହେଉଛି ଭକ୍ତିଯୋଗ । ସ୍ୱାମୀ ବିବେକାନନ୍ଦଙ୍କ ଚିନ୍ତନରେ ନିର୍ମଳ ଓ ନିଷ୍କପଟ ଭାବେ ଈଶ୍ୱରଙ୍କୁ ଖୋଜିବା ହିଁ ଭକ୍ତିଯୋଗ ଅଟେ । 'ମନନାତ୍ ତ୍ରାୟତେ ଇତି ମନ୍ତ୍ର' ଅର୍ଥାତ୍ ଯାହା ମନ ଭିତରେ ସବୁବେଳେ ଭାବି ଚାଲିଲେ ଜନ୍ମ-ମୃତ୍ୟୁର ଚକ୍ରରୁ ରକ୍ଷା ମିଳେ ତାହା ହିଁ ମନ୍ତ୍ର । ଜପ ଏକ ମହତ୍ୱପୂର୍ଣ୍ଣ ଯୋଗ ଅଟେ । ଚିତକୁ ଶାନ୍ତ ତଥା ମନକୁ ଏକାଗ୍ର ଓ ଅନ୍ତର୍ମୁଖୀ କରିବା ପାଇଁ ଜପ ଅତ୍ୟନ୍ତ ସରଳ ସାଧନା । ଜପର ଅଭ୍ୟାସ ପାଇଁ ଯେଉଁ ପାଂଚଟି ନିୟମ ରହିଛି ତାହା ହେଉଛି – ବୈଖରୀ, ଉପାଂଶୁ, ମାନସିକ, ଲିଖିତ, ଅଜପା । ଯୋଗର ବିଭିନ୍ନ ପ୍ରକାର ମଧ୍ୟରେ ଲୟ ଯୋଗର ନିଜସ୍ୱ ସ୍ୱତନ୍ତ୍ରତା ରହିଛି । ଜୀବନରେ ସୃଷ୍ଟି, ସ୍ଥିତି ଓ ଲୟ ତିନୋଟି କ୍ରିୟା ରହିଛି । ଜୀବନର ପ୍ରଥମ ଭାଗ ସୃଷ୍ଟି ବାଲ୍ୟ ଓ କିଶୋର ବିତେ ଶିକ୍ଷା ଲାଭରେ । ପରିବାର ପ୍ରତିପୋଷଣ ପାଇଁ ଯେଉଁ ଶିକ୍ଷା ମିଳିଥାଏ ତାହା ହେଉଛି ମଧ୍ୟଭାଗ ସ୍ଥିତି ଓ ଅନ୍ତିମ ଭାଗ ଲୟ । ଅର୍ଥାତ୍ ସମସ୍ତେ ଏହି ସମୟରେ ଈଶ୍ୱର ଚିନ୍ତା କରନ୍ତି । ତେବେ ପରିଶେଷରେ ସମସ୍ତ ଭୂମିକାକୁ ତ୍ୟାଗ କରି ସ୍ୱରୂପରେ ସ୍ଥିତି ଲାଭ କରି ସେଥିରେ ଲୀନ ହେବା ହିଁ ଲୟ ଯୋଗ ଅଟେ । ହଟଯୋଗ ଶାସ୍ତ୍ର ଅନୁସାରେ 'ହ'ର ଅର୍ଥ ପିଙ୍ଗଳା ନାଡ଼ି ବା ପ୍ରାଣ ବାୟୁ । 'ଠ'ର ଅର୍ଥ କ୍ରୀଡ଼ାନାଡ଼ି ବା ଅପାନ ବାୟୁ । ଶରୀର ଓ ପ୍ରାଣ ଉପରେ ବିଜୟ ଲାଭ କରିବା ହଟଯୋଗ ସାଧନାର ଲକ୍ଷ୍ୟ । ମନ୍ତ୍ରଯୋଗ ପରି ଅତ୍ୟନ୍ତ ଅନ୍ୟଏକ ମହତ୍ୱପୂର୍ଣ୍ଣ ଯୋଗ ହେଉଛି ତନ୍ତ୍ରଯୋଗ । ଉଚ୍ଚସ୍ତରର ମନ୍ତ୍ର ସାଧନ ପ୍ରଣାଳୀକୁ ହିଁ ତନ୍ତ୍ର କୁହାଯାଏ । ଯାହାର ମାର୍ଗ ହେଉଛି ବାମ ମାର୍ଗ । ସେଥିପାଇଁ ଏହାକୁ ଭୌତିକ ସିଦ୍ଧିର ମାର୍ଗ କୁହାଯାଏ । ସ୍ୱାମୀ ଶିବାନନ୍ଦଙ୍କ ମତରେ ସ୍ୱାଧ୍ୟାୟ ବା ଶାସ୍ତ୍ର ଅଧ୍ୟୟନ ହେଉଛି କ୍ରିୟା ଯୋଗ । ଯାହାର ଉଦାହରଣ ହେଉଛି ଗୀତା । ଶାସ୍ତ୍ର ଅଧ୍ୟୟନ ହୃଦୟକୁ ବିଶୁଦ୍ଧ କରେ ଏବଂ ମନରେ ଉଚ୍ଚ ପବିତ୍ର ଚିନ୍ତାଧାରା ପୂର୍ଣ୍ଣ କରିଦିଏ । ସମସ୍ତ ଯୋଗର ସାରକଥା ରାଜଯୋଗ ନାମରେ ବା ଅଷ୍ଟାଙ୍ଗ ଯୋଗ ନାମରେ ସମସ୍ତଙ୍କର ଗ୍ରହଣୀୟ ହୋଇଛି । ସର୍ବୋଚ୍ଚ ଚୈତନ୍ୟ ଲାଭ କରିବା ପାଇଁ ଯୋଗ ଏକ ସୁସମ୍ବନ୍ଧ ଧାର୍ମିକ ଶୃଙ୍ଖଳା ଯାହା ଚରମ ମୁକ୍ତି ପାଇଁ ପଥ ଦେଖାଇଥାଏ । ଭାରତରେ ସମସ୍ତ ଆଧ୍ୟାତ୍ମିକ କ୍ଷେତ୍ରର ସାଧକ, ମହାପୁରୁଷ ଏବଂ ଜଣେ ଯେ କୌଣସି ଧର୍ମାବଲମ୍ବୀ ହୁଅନ୍ତୁ କିନ୍ତୁ ଯୋଗର ଶୃଙ୍ଖଳାକୁ ସମସ୍ତେ ମାନନ୍ତି । ଯୋଗର ମୌଳିକ ଅର୍ଥ ହେଉଛି ମିଳିତାବସ୍ଥା ଏବଂ ପ୍ରକୃତ ଆତ୍ମା ବା ଈଶ୍ୱରଙ୍କ ସହିତ ମିଳିତ ହେବାକୁ ଏହା ବୁଝାଇଥାଏ । ଅନ୍ୟ ଅର୍ଥରେ ସେହି ମିଳନ ଲାଭ କରିବା ପାଇଁ ଯୋଗ ଏକ ଉପାୟ ବା ପଦ୍ଧତି । ମନ ମଧ୍ୟରେ ଚିନ୍ତା ତରଙ୍ଗକୁ ନିୟନ୍ତ୍ରଣ କରିବା ବା ଚିତବୃତି ନିରୋଧକୁ ପତଞ୍ଜଳି ଯୋଗର ସଂଜ୍ଞା ରୂପେ ବର୍ଣ୍ଣନା କରିଛନ୍ତି । ଯୋଗସୂତ୍ରର ଚାରୋଟି ବିଭାଗ ବା ପାଦ ରହିଛି ତାହା ହେଲା ସମାଧି ପାଦ, ସାଧନା ପାଦ, ବିଭୁତି ପାଦ ଓ କୈବଲ୍ୟ ପାଦ । ସମାଧି ପାଦରେ ନିର୍ମଳ ଚୈତନ୍ୟ ବିଷୟ ଉଲ୍ଲେଖ ରହିଛି ଯାହାକୁ ଉଚ୍ଚଗୁଣସମ୍ପନ୍ନ ବ୍ୟକ୍ତିମାନେ ଲାଭ କରିଥାନ୍ତି । ସାଧନା ପାଦରେ ଯୋଗର ନିୟମ ଓ ପଦ୍ଧତି ବର୍ଣ୍ଣିତ ହୋଇଛି ଯାହାକୁ ସାଧାରଣରେ ସବୁ ସାଧକ ଓ ସାମାନ୍ୟ ଗୁଣସମ୍ପନ୍ନ ବ୍ୟକ୍ତିମାନେ ଅନୁସରଣ କରିଥାନ୍ତି । ବିଭୁତି ପାଦ ଆଧାତ୍ମିକ ପଥ ବା ଅଲୌକିକ ଶକ୍ତିର ଜାଗରଣ ବିଷୟରେ ସୂଚନା ଦେଇଥାଏ । ଆଉ କୈବଲ୍ୟ ପାଦ ମୋକ୍ଷ ବା ମୁକ୍ତି ସହିତ ସଂଶ୍ଳିଷ୍ଟ । ପତଞ୍ଜଳିଙ୍କ ଯୋଗ ପଦ୍ଧତିକୁ ଅଷ୍ଟାଙ୍ଗ ଯୋଗ କୁହାଯାଏ ।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତୀୟ
ଅଶୋଭନୀୟତା ନିରୋଧ
ଆନ୍ଦୋଳନ, କଟକ




# ଅଶ୍ରୁତ ସ୍ୱର



ସୁଦର୍ଶନ ମହାପାତ୍ର

ଅନନ୍ୟା, ଶୁଭେଚ୍ଛା ନେବୁ।

ତୁ କେତେ ଥର କହି ସାରିଲୁଣି ଉପର ଘରେ ରହୁଥିବା ଭଡାଟିଆଙ୍କୁ ବାହାର କରିଦେବା ଲାଗି । ହେଲେ ମୁଁ ପାରିନାହିଁ।ସେଥିପାଇଁ ମୋ ପ୍ରତି ତୋର ତାଚ୍ଛଲ୍ୟର ସୀମା ଦିନକୁ ଦିନ ଅତିକ୍ରମ କରି ଯାଉଛି।

ତୋ ମୁହଁରୁ ଉଦଗତ ଶବ୍ଦ ବିପକ୍ଷରେ ଶବ୍ଦ ନିକ୍ଷେପଣ ମୁଁ କରିପାରିବି ନାହିଁ।କେତେ ଥର ଭାବିଲିଣି ଏ ମର୍ମରେ ତୋତେ ଚିଠି ଲେଖି ଅବଗତ କରାଇବି ବୋଲି।ଚିଠି କେତୋଟି ଲେଖି ବି ପର ମୁହୂର୍ତ୍ତରେ ସେ ଚିଠିକୁ ତୋ ପାଖକୁ ପଠାଇବାକୁ ଇଛା ହୋଇନି। ପ୍ରତିଥର ଏଇ ଭାବନା ଆସିଛି ଯେ ମୋ ଚିଠି ତୋ ମନରେ ଦୁଃଖ ଭରିଦେବ।

ହେଲେ ଏବେ ମୋ ମନରେ ଆସୁଛି ତୁ ମୋ ଝିଅ ହୋଇ ଏମିତି ମାନସିକତାର ବଶବର୍ତ୍ତୀ କାହିଁକି ହେଲୁ ବୋଲି। ସେ ଯାହା ବି ହେଉ ଏଇ ଚିଠି ପାଇବା ପରେ ପରବର୍ତ୍ତୀ ପଦକ୍ଷେପ ତୁ କ'ଣ ନେବାକୁ ଚାହୁଁଛୁ ନିଶ୍ଚୟ ଜଣାଉବୁ।

ଆରମ୍ଭ କରୁଛି ମୋ ଦେହ ଖରାପ ପାଖରୁ ।ମୋ ଦେହ ଖରାପର ଦୁଇ ମାସ ଆଗରୁ ତୋର ବାହାଘର କାମ ସାରିଥିଲି। ହଠାତ୍ ଦିନେ ସକାଳୁ ରକ୍ତବାନ୍ତି ହେଲା।ତୋ ବୋଉ ଖୁବ୍ ବ୍ୟସ୍ତ ହୋଇ ପଡିଲା।ମାମୁଙ୍କୁ ଖବର ଦେଲା ଏବଂ ସେ ଆସି ଆରମ୍ଭ କଲେ ପ୍ରାଥମିକ ଚିକିତ୍ସା। ମୋତେ ନେଇ ଆଡମିଟ କରାଇଲେ ହସ୍ପିଟାଲରେ। ପାକସ୍ଥଳୀରେ ଘା ହୋଇଛି ଏବଂ ଶୀଘ୍ର ଅପରେସନ କରାଇବାକୁ ଡାକ୍ତର ପରାମର୍ଶ ଦେଲେ।

ଏ ଖବର ପାଇ ତତ୍କାଳୀନ ଘରକୁ ଆସିଲା ଶାଶ୍ୱତ। ସେ ଚାକିରି ଛାଡି ସଦ୍ୟ ସନ୍ୟାସ ଧର୍ମରେ ଦୀକ୍ଷିତ ହୋଇଥିଲା ଏବଂ ଥିଲା ହରିଦ୍ୱାରରେ। ସେ ତା ଗୁରୁଙ୍କ ଅନୁମତି ନେଇ ଘରକୁ ଆସିଲା ଏବଂ ମୋତେ ନେଇଗଲା ଦିଲ୍ଲୀ ଏମ୍ସ ହସ୍ପିଟାଲ। ସେଇଠି ମୋର ପାକସ୍ଥଳୀ ଅପରେସନ ହୋଇଥିଲା ବୋଲି ତୁ ଜାଣୁ। ମାମୁଙ୍କ ସହ ବୋଉ ଯାଇ ବି ପହଞ୍ଚିଥିଲା ଦିଲ୍ଲୀରେ। ଦୀର୍ଘ କେତେଦିନ ପରେ ମୁଁ ସୁସ୍ଥ ହୋଇ ଘରକୁ ଫେରିଲି। ଯଦିଓ ତୁ ଗୋଟିଏ ନୂଆ ସଂସାରରେ ପାଦ ଦେଇଥିଲୁ ,ଏଇ ଚିକିତ୍ସା ସମୟ ମଧ୍ୟରେ ତୋର କ'ଣ କିଛି କର୍ତ୍ତବ୍ୟ ନଥିଲା ? ଯଦି କୌଣସି ପ୍ରକାରେ ସହାୟତା ଯୋଗାଇ ଦେଇଛୁ ତା'ର ଉତ୍ତର ଅପେକ୍ଷାରେ ରହିଲି।

ଘରକୁ ଫେରିଲୁ ସମସ୍ତେ। କିଛି ଦିନ ପରେ ଏମିତି ଏକ କଥା ପ୍ରସଙ୍ଗରେ ତୋ ବୋଉ ଥରେ କହିଥିଲା ' ତୁମେ ଏତେ ଚାଲାଖ! ମୁଁ ଥାଉଁ ଥାଉଁ ତୁମେ ଆଗ ଚାଲିଯାଇଥାନ୍ତ,ଆଉ ମୁଁ ତୁମକୁ ଛାଡି ଦେଇଥାନ୍ତି। ଦେଖିବ ରୁହ ତୁମ ଆଗରେ ମୁଁ କେମିତି ଆଗ ଯାଇଁ ସ୍ୱର୍ଗରେ ବସିବି' । ତୋ ବୋଉ ଏକଥା କାହିଁକି କହିଥିଲା ସେତେବେଳେ ମୋତେ ଜଣାନଥିଲା, ହେଲେ ତାପରେ ତା'ର ଦେହ ଖରାପ ହେଲା। ଡାକ୍ତରଙ୍କ ପରାମର୍ଶରେ ମୁଁ ବିଶ୍ରାମରେ ଥିଲି।ମାମୁ ତାକୁ ନେଇ ଡାକ୍ତର ଦେଖାଇଲା ବେଳକୁ ବ୍ରେନ ଟ୍ୟୁମର ଧରା ପଡିଲା। ସେଇ ଟ୍ୟୁମର କ୍ୟାନ୍ସର ରୂପ ନେଇ ତୃତୀୟ ସୋପାନ ରେ ପହଞ୍ଚି ସାରିଥିଲା।

ତୋ ବୋଉର ଇଚ୍ଛାରେ ଏ ଖବର ଲୁଚାଯାଇଥିଲା ଶାଶ୍ୱତ କୁ। ଅଥଚ୍ ଠିକ୍ ଅପରେସନ ଦିନ ହଠାତ୍ ଆସି ପହଁଚିଲା ସେ। ଆମେ ସମସ୍ତେ ଆଶ୍ଚର୍ଯ୍ୟ ହୋଇଗଲୁ ତା'ର ଆସିବା ଦେଖି। ସେଇ ଗୈରିକ ବେଶ। ସେଇ ସେବା ମନୋବୃତ୍ତି..! ବାପା ମାଆ ଙ୍କ ପ୍ରତି କର୍ତ୍ତବ୍ୟବୋଧର ନିଦର୍ଶନ। କହିଲା ତା କଥାରେ ଗୁରୁ ଏକମତ। ସନ୍ତାନ ପାଇଁ ପ୍ରଥମ ଈଶ୍ୱର ବାପା ମାଆ।

ବୋଉ ପାଖରେ ଅନ୍ୟୁନ ନଅ ଦଶ ମାସ ଛାଇ ପରି ରହିଥିଲା ତୋର ବଡ଼ଭାଇ ଶାଶ୍ୱତ। ଡାକ୍ତରଙ୍କ ପରାମର୍ଶରେ ମୁଁ ତ ସମ୍ପୂର୍ଣ୍ଣ ବିଶ୍ରାମ ରେ ଥିଲି। କିଏ କଲା ଏତେ ସବୁ କାମ ?ତୁ ଜାଣୁ ଅପରେସନ ପରେ ବୋଉ ଥିଲା କୋମା ଷ୍ଟେଜରେ। କିଛି ବୁଝୁନଥିଲା, ଜାଣୁ ନଥିଲା।ଯଦିଓ ଘରୋଇ ନର୍ସଟିଏ ଯୋଗାଡ ହୋଇଥିଲା ହେଲେ ଚିକିତ୍ସା ର ସବୁ ଦାୟିତ୍ୱ ବହନ କରୁଥିଲା ସେଇ ଶାଶ୍ୱତ। ବୋଉ ପାଖରେ ଏକ ଈଶ୍ୱରୀୟ ବାତାବରଣ ସୃଷ୍ଟି କରିଥିଲା ସେ।ନିଜର ଜପ, ପ୍ରାର୍ଥନା ସହିତ ବୋଉ ପାଖରେ ଗୀତା ପଢ଼ିବା, ବୋଉର ସେବା କରିବା ଇତ୍ୟାଦିରେ ସେ କାର୍ପଣ୍ୟ କରିନଥିଲା।

ଶେଷରେ ତୋ ବୋଉ ଚାଲିଗଲା ଆରପାରିକୁ। ସ୍ୱର୍ଗଦ୍ୱାର ରେ ଦାହ କଲାପରେ ପୁରା ନିଷ୍ଠାର ସହ ଶେଷ କଲା ବୋଉର କ୍ରିୟା କର୍ମ।

ତୁ ଆସି ପହଞ୍ଚିଲୁ ତୋ ବୋଉ ଇହଧାମ ଛାଡ଼ିଲା ପରେ। ବ୍ରାହ୍ମଣ ଭୋଜନ ପାଇଁ କିଛି ଟଙ୍କା ଦେଇଥିଲୁ। ଏହାଛଡା ବୋଉ ପାଇଁ, ପରିବାର ପାଇଁ ତୋର ଆଉ କିଛି କର୍ତ୍ତବ୍ୟ ନଥିଲା ? ତା'ପରେ ମୁଁ ହୋଇଗଲି ସମ୍ପୂର୍ଣ୍ଣ ଏକାକୀ। ନିଜ ନିଜ ସଂସାରକୁ ସମସ୍ତେ ଫେରିଗଲେ। ଶାଶ୍ୱତ ବି ଚାଲିଗଲା ତା ପଥ ରେ। ମାମୁ ଆସି ବେଳେ ବେଳେ ଦେଖା ଚାହାଁ କରୁଥିଲେ ଅବଶ୍ୟ। ହେଲେ ଦେହ ପା, ଖାଦ୍ୟପେୟ, ପରିଷ୍କାର ପରିଚ୍ଛନ୍ନତା ଇତ୍ୟାଦିରେ ବିଭ୍ରାଟ ସୃଷ୍ଟି ହେଲା। ଅବଶ୍ୟ ମଝିରେ ମଝିରେ ତୋର ନିମନ୍ତ୍ରଣ ଆସୁଥିଲା 'ମୋ ପାଖକୁ ପଳେଇଆସ' ।ଏଇ ଉକ୍ତି ପଛରେ ଥିଲା କି ଅନୁରକ୍ତି?

ସେ ଯାହା ହେଉ ଯେତେ ହେଲେ ତୁ ବିବାହିତା ଝିଅ ! ତୋ କଥାରେ ମୁଁ ଯାଇ ରହି ପାରିଥାନ୍ତି ତୋ ପାଖରେ? ତୋ ଶ୍ୱଶୁର ଘର ଲୋକେ କ'ଣ ଚାହିଁଥିଲେ ମୋର ତୋ ପାଖରେ ରହଣିକୁ? 'ପାଖକୁ ପଳେଇଆସ' କହି ଯଦି ଭାବୁଥାଉ ତୋ କର୍ତ୍ତବ୍ୟ କରିଛୁ, ଠିକ୍ କଥା ନୁହେଁ। ଆଉଥରେ ଏ ବିଷୟରେ ତର୍ଜମା କରିବୁ।

ନିଜେ ରୋଷେଇ କରି ଖାଇ,ନିଜ କାମ କରି ଚାଲିଯାଇଥାନ୍ତି। ହେଲେ ସମୟ ଭଲ ଯାଇନଥିଲା।

ଦୁଇ ଜଣ ପିଲା ଆସି ମୋ ଉପରେ ଯେଉଁଦିନ ବାଇକ୍ ବାଡ଼?ଇ ଦେଲେ, ଦୁର୍ବଳ ଶରୀର ମୋର ଝଟକା ସହି ପାରିଲା ନାହିଁ ଏବଂ ମୁଁ ପଡ଼ିଯାଇ ସଂଜ୍ଞାହୀନ ହୋଇଗଲି ।ହସ୍ପିଟାଲରେ ଭର୍ତ୍ତି ହେଲି ତ ପରେ ଦେଖିଲି ମୋର ଦାନ୍ତ କେତୋଟି ବାହାରି ଯାଇଛି।

ପୁଣି ଆସି ପହଁଚିଲା ତୋର ବଡ଼ଭାଇ।ମାମୁ ବି ଆସିଥିଲେ।ହେଲେ ଘର ଛାଡ଼ି ଅନ୍ୟ କାହା ଘରେ ରହିବାକୁ ମୋର ପସନ୍ଦ ନଥିଲା। ଏପରି ସ୍ଥଳେ ଅନ୍ୟାନ୍ୟ ଉପାୟ ନଦେଖି ମୋର ଦେଖାଶୁଣା କରିବା ପାଇଁ ଶାଶ୍ୱତ ତା'ର ସମ୍ୟକ ପରିଚିତ ଲୋକକୁ ଭଡାଟିଆ ହିସାବରେ ଆଣି ରଖିଲା ଉପର ଘରେ। ଉଦ୍ଦେଶ୍ୟ ଥିଲା ସମୟ ଅସମୟରେ ଦେଖାଶୁଣା କରିବା କିମ୍ବା ଦରକାର ହେଲେ ତୁରନ୍ତ କାହାକୁ ମୋ ବିଷୟରେ ଖବର ଦେଇପାରିବେ ସେ।

ସେବେଠାରୁ ପ୍ରଶାନ୍ତ ଏବଂ ତା'ର ପରିବାର ସେଇ ଉପର ଘରେ ଭଡାଟିଆ ହୋଇ ରହୁଛନ୍ତି। ସେଇ ପରିସ୍ଥିତିରେ ତୋର ଯଦି ଆପତ୍ତି କିଛି ଥିଲା କହି ପାରିଥାନ୍ତୁ। ତୁ ବି ସେ ପ୍ରସ୍ତାବରେ ରାଜି ହୋଇଗଲୁ। ସେତେବେଳେ ନୂଆ ପ୍ରସ୍ତାବ କିଛି ଦେଇ ପାରିଥାନ୍ତୁ। ଦେଇଥିଲୁ କି ?

ଏହା ମଧ୍ୟରେ ଦୀର୍ଘଦିନ ଅତିକ୍ରାନ୍ତ।ପ୍ରଶାନ୍ତ ଓ ତା'ର ପରିବାର ସେମାନଙ୍କର କର୍ତ୍ତବ୍ୟ ଯଥା ସମ୍ଭବ କରିଛନ୍ତି।

ଏବେ ଆସିଲା ତୋର ଘରର ଆବଶ୍ୟକତା। ପୁଅର ବ୍ରତଘର ପାଇଁ ତୁ ଶାଶୁଘର ଗାଆଁ କୁ ନଯାଇ ଏଇଠି ଭୁବନେଶ୍ୱରରେ ମଣ୍ଡପ ନେଇ ବ୍ରତଘର କରିବାକୁ ହଠାତ୍ ନିଷ୍ପତ୍ତି ନେଲୁ।

ସେଇ ଅନୁସାରେ ପରିବାର ସହ ଆସି ଉପର ଘରେ ରହିବୁ ଏବଂ ରହୁଥିବା ଭଡାଟିଆଙ୍କୁ ତୁରନ୍ତ ବାହାର କରିଦେବାକୁ ଜିଦ୍ କଲୁ। ହେଲେ ସେମାନେ ହଠାତ୍ କୁଆଡେ ଯିବେ ବୋଲି ତୋ ଚିନ୍ତନର ବାହାରେ ଥିଲା।

ଆଚ୍ଛା କହିଲୁ,ତୁ ଏତେଦିନ ଧରି କୁଆଡେ ଥିଲୁ? ମୋର ଦେହ ପା ଖବର କେତେ ବୁଝିଛୁ ?କରୋନା ସମୟରେ ସମସ୍ତେ ଗୃହବନ୍ଦୀ ଥିଲା ସମୟରେ ଥରେ ଚିନ୍ତା କରିଥିଲୁ କି ମୁଁ କେମିତି ରହିଲି ?ଅଥଚ୍ ଯିଏ ଦୀର୍ଘ ଆଠ ବର୍ଷ ଧରି ମୋର ଦେଖାଶୁଣା କରୁଛନ୍ତି ତାଙ୍କୁ ହଠାତ୍ ତୋର ସାତଦିନର ଆବଶ୍ୟକତା ପାଇଁ ଘରୁ ବାହାର କରି ଦେଇଥାନ୍ତି ?

ପୁଅ ବ୍ରତଘର ଅବସରରେ ଆସିଲୁ ବୋଲି ମୋ ପାଖକୁ ଆସିଲୁ। ଗୋଟିଏ ଦିନ ରହିଲୁ।ପୁଅ ବ୍ରତଘର ପାଇଁ ମୋର ସଞ୍ଚିତ ଦୁଇ ଲକ୍ଷ ଟଙ୍କା ନେଇ ସାମାନ୍ୟ ଖୁସି ହେଲୁ। ମୋତେ ଧନ୍ୟବାଦ ଦେଲୁ। ହେଲେ ଯାହା ହେପାଜତରେ ତୋର ବାପା ରହିଛନ୍ତି ତାଙ୍କୁ ଧନ୍ୟବାଦ ଦେବା ପରିବର୍ତ୍ତ? ତାଙ୍କୁ ଅଭଦ୍ରୋଚିତ ବ୍ୟବହାର କଲୁ । ଆଉଥରେ ପ୍ରମାଣିତ କରିଦେଲୁ ଯେ ତୁ ଆମଠାରୁ କିଛି ବି ସଂସ୍କାର ପାଇନାହୁଁ ବୋଲି। ଯଦି ତୋତେ ଦେଖାଗଲା ବାପାଙ୍କ ପୋଷାକ ପରିଚ୍ଛେଦ ଠାରୁ ଆରମ୍ଭ କରି ଘରଦ୍ୱାର ମଇଳା ଅଛି,ତୁ କ'ଣ କିଛି ପରିଷ୍କାର କରିବାକୁ ଚେଷ୍ଟା କରିଥିଲୁ କି? ଗୋଟିଏ ଦିନ ପାଇଁ ହେଉ ପଛେ ବାପାଙ୍କୁ କିଛି ଭଲ ଜିନିଷ ରୋଷେଇ କରି ଖାଇବାକୁ ଦେଲୁ କି? ବରଂ ସେଇ ଭଡାଟିଆ ମୋ ସହିତ ତୋର ଆଉ ତୋ ପରିବାର ପାଇଁ ଖାଇବା ପ୍ରସ୍ତୁତ କରି ଖୁଆଇଲେ। ତାପରେ ବି ସେମାନଙ୍କୁ ମନଇଚ୍ଛା ଅପଶବ୍ଦ ଶୁଣାଇଲୁ। ତୋର ବଡ଼ଭାଇ ସଂସାର ବନ୍ଧନରେ ନରହିଲେ ବି ତା'ର କ'ଣ ବଞ୍ଚିବାର ଅଧିକାର ନାହିଁ?ତୁ ଓ ଜୋଇଁ ଦୁହେଁ ରୋଜଗାର କରୁଛ। ହେଲେ ଶାଶ୍ୱତ ରୋଜଗାର କରୁନାହିଁ ବୋଲି ମୁଁ ଥାଉଁ ଥାଉଁ ତାକୁ ଉପବାସ ରହିବାର ଦେଖିବି? ସେ ବିନା ଖାଇବାରେ ରହିବ ଆଉ ମୁଁ ଶାନ୍ତିରେ ରହିବି? ଭୁବନେଶ୍ୱରରେ ଘର ଖଣ୍ଡିଏ ର ଆବଶ୍ୟକତା ଉପଲବ୍ଧି କରିଥିଲି ତୁମ ମାନଙ୍କର ପଢ଼ା ଶୁଣାରେ ଅସୁବିଧା ହେବ ନାହିଁ ବୋଲି। ସେତେବେଳେ ଭାବିଥିଲି ତୁମ ଦୁହିଁଙ୍କର ଭବିଷ୍ୟତ ଗଢିବାରେ ଏଇ ଦୁଇ ବଖୁରିକିଆ ଘର ହେଲେ ବି କାମରେ ଲାଗିବ। ତୁମେ ଦୁହେଁ ବଡ଼ ହେଲା ପରେ ଉପରେ ଆଉ ଦୁଇ ବଖରା କରିଥିଲି।

ଏବେ ଏଇ ଘର ଉପରେ ତୋର ଆଖି। ସେଥିପାଇଁ ଏଠୁ ଫେରିଯାଇ ମଧ୍ୟ ଭଡାଟିଆ ଙ୍କୁ ବାହାର କରିବାକୁ କହୁଛୁ।ଘର ରିପ୍ୟାରିଂ ଜୋଇଁ କରିବାକୁ ପ୍ରସ୍ତୁତ ବୋଲି ଏବେ ବାହାନା କରୁଛୁ। ମୁଁ ଜାଣେ ଏଇ ଘର ଖଣ୍ଡିକ ପାଇଁ ତୁ ସମ୍ପର୍କକୁ ବାଜି ଲଗାଇବାକୁ ବଦ୍ଧପରିକର।

ମୋର ପେନସନ ଏବଂ ଘରଭଡ଼ା ପାଇ ଆମେ ବାପ ପୁଅ ଦୁହେଁ କୌଣସି ମତେ ଚଳି ଯାଉଛୁ। ମୋର ଅବର୍ତ୍ତମାନରେ ଶାଶ୍ୱତ ଚଳିବା ପାଇଁ ତୁ ଯେ କିଛି ବ୍ୟବସ୍ଥା କରିବୁ ସେ ଆଶା ବି ନାହିଁ। ତା ପ୍ରତି ହିଁ ତୋର ଅକୁଣ୍ଠ ଘୃଣା ବଳବତ୍ତର ବୋଲି ମୋର ବୁଝିବାରେ ବାକି ନାହିଁ। ତା'ର କାରଣ ତୋତେ ହିଁ ଜଣା। ତୁ ହିଁ କେତେଥର ଆପତ୍ତି କରିଛୁ ପେନସନ ଟଙ୍କା ଶାଶ୍ୱତ ପାଇଁ ମୁଁ ଖର୍ଚ୍ଚ କରୁଛି ବୋଲି। ମୁଁ ନିରୁପାୟ।

ଶେଷରେ ଏତିକି ମନକୁ ଆସୁଛି। ମୋର ତୁମେ ଦୁହେଁ ପୁଅ ଝିଅ ଥିଲ। ଈଶ୍ୱରଙ୍କ ଆଶୀର୍ବାଦରୁ ତୋର ବି ପୁଅଟିଏ ଝିଅଟିଏ। ଇତିହାସର ପୁନରାବୃତ୍ତି ହେବାର ସମ୍ଭାବନା ମଧ୍ୟ ଅଛି...!!!

ଏଇଠି ରହୁଛି। ତୋର ଶୁଭାକାଂକ୍ଷୀ ବାପା ।

*କୁଞ୍ଜବିହାରୀ ଲେନ, କଟକ*

## ହସ

*ରତ୍ନକାନ୍ତି ମିଶ୍ର*



ବାସ୍ନା ଖାଲି ନଥାଏ
ମଲ୍ଲୀ ବା ହେନାରେ
ହସରେ ବି ବାସ୍ନା ଥାଏ
ଏ ତୁମରି ହିଁ ଉକ୍ତି
ମନେ ରଖିଛି ଏଯାଏଁ
ହସ ବି ମହକି ଜାଣେ
ମହକେଇ ଦେଇ ପାରେ
ଗଛ, ପତ୍ର, ପାଣି,ପବନକୁ
କାନନ ବା ଗିରିଶୃଙ୍ଗକୁ
ଭୁଲିନି ମୁଁ କାଣିଚାଏ
ନିଜସ୍ୱ କାରଣେ...!
ହେଲେ
ଦୁନିଆରେ ହସ ବାଣ୍ଟୁଥିବା
ମଣିଷ ଭିତରେ ବି ଲୁକ୍କାୟିତ ଥାଏ
ଅସୀମ ଅସହାୟତା
ଜାବୁଡି ଧରିଥାଏ
ଅଦୃଶ୍ୟ ନୀରବତା,
ଏକାକୀତ୍ୱ ପଣ
ମୃତ୍ୟୁ ଠାରୁ ବି ଭୟଙ୍କର
ସେଇ ନୀରବତା
ଓଠରେ ହସର ପ୍ରଲେପ
ହେଲେ ଅନ୍ତରରେ ସାଇତା
ଅମାପ ଭଙ୍ଗାଜହ୍ନର ଦୁଃଖ
ଯାହାକୁ ସେ
ପ୍ରତିବିମ୍ବିତ କରିପାରେନା
ହେଲେ ବରୁଥାଏ ନିତି ନିରତେ
ମରୀଚିକା ପଥ...!!!

## ମିତ୍ରତାର ବାହୁ

*ପୂର୍ଣ୍ଣଚନ୍ଦ୍ର ବହଳୀ*



ଚାଲୁ ଚାଲୁ ଭାବୁଛି
ପ୍ରଭୁ ସବୁ କିଛି ଖରାପକୁ
ଦୂର କରିଦିଅନ୍ତେ
ଗୋଟିଏ ସୁନ୍ଦର ଆଖି ଦେଇଦିଅନ୍ତେ
ଯେଉଁ ଆଖିରେ କେବଳ
ପ୍ରେମ ବରଷୁଥିବ
ସମସ୍ତଙ୍କୁ ଆପଣାର କଲାଭଳି
ସମ୍ଭ?ହନ ଶକ୍ତି ଥିବ ।
ଏଭଳି ଗୋଟିଏ ମସ୍ତକ ଦିଅନ୍ତେ
ଯାହା ସ୍ନେହ ଶ୍ରଦ୍ଧାରେ ତଳକୁ
ହୋଇଯାଉଥିବ
ଯୁଦ୍ଧ ବିଦ୍ରୋହ ବଦଳରେ କେବଳ
ଶାନ୍ତିର ଚିନ୍ତା ଖେଳି ବୁଲୁଥିବ ।
ଏଭଳି ଦୁଇଟି ବାହୁ ଦିଅନ୍ତେ
ଯାହା ପରସ୍ପରକୁ
ମିତ୍ରତାର ବନ୍ଧନରେ
ବାନ୍ଧିବା ପାଇଁ
ପ୍ରସାରିତ ହୋଇପାରୁଥିବ ।
ଏଭଳି ଗୋଟିଏ ମନ ଦିଅନ୍ତେ
ଯେଉଁଠି ସମସ୍ତେ ଏକ ଭଳି ଲାଗନ୍ତେ
ଜାତି ଭେଦର ସ୍ୱର ନଥିବ
ଏଭଳି ଦୁଇଟି ଗୋଡ଼ ଦିଅନ୍ତେ
ଯାହା ସଭିଙ୍କ ପାଇଁ ଦୌଡୁଥିବ ।
ଚାଲୁ ଚାଲୁ ଭାବେ
ସତରେ କଣ ଏପରି ସମ୍ଭବ
ହଁ ତୋର ଲୀଳା ତୋର ଖେଳ
କିଛି ଗୋଟିଏ କର
ସବୁବେଳେ ତୋର କୃପାଦୃଷ୍ଟି ଥାଉ
ଜଗତର କଲ୍ୟାଣ ହେଉ ।

*ସମ୍ପାଦକ, ଶିବାନୀ,ଭଦ୍ରକ*

## ଖରା

*ଆଦ୍ୟାଶା ମହାପାତ୍ର*



ପଳାଶ ଫୁଲରେ ସତେକି ଗୁମାନ
ଭରିଦିଏ ଆସି ଖରା
ଲାଲ ଟୁକୁଟୁକୁ ଓଠରେ ସଲ୍ଲଜ ହସ
ଦିଶେ ତା'ର ତୋରା ॥
କୃଷ୍ଣଚୂଡ଼ା ଦେହେ ଆଙ୍କି ଦିଏ ପୁଣି
ଖୁସିର ଭବ୍ୟ ବର୍ଣ୍ଣାଳି
ତାପିତ ପ୍ରାଣ ତା' ହୁଏ ପ୍ରଶମିତ
ଉଲ୍ଲାସେ ଉଠଇ ଝଳି ॥
କ୍ଷୀଣାଙ୍ଗୀ ନଈର ବଞ୍ଚିତ ସ୍ୱପ୍ନରେ
ଖରାର ବହପ ଭାରି
ଦାଉ ତା ଅସହ୍ୟ ମରମ ବେଦନା
ଦେଖି ନଦେଖିଲା ପରି ॥
ଖରା ଶ୍ରମଜୀବୀ ସଶକ୍ତ ଦେହରେ
ଅନିଭୋଗ ଅବସୋସ
ଲହୁ ଲୁହ ଶୋଷି ପ୍ରାଣ ନିଏ ପେଷି
ଶୁଝାଏ ତା ଉଗ୍ରରୋଷ ॥
ପଥର ପଥିକ ପାଦରେ ଏ ଖରା
ସାଜେ ରଡ଼ ନିଆଁ ଖଣ୍ଡେ
ପତର ବିହୀନ ପାଦପ ଶାଖାରେ
ଗହମ ନିଦଟେ ଉଣ୍ଡେ ॥
ଜୀବନ ବୀଣାରେ ସତେକି ଏ ଖରା
ତୋଳଇ ଅଶ୍ରୁତ ସ୍ୱର
ସୁଜଳ ସପନେ ପ୍ରତିଘାତ କରି
ଶୁଣେ ଭୋଗ୍ୟ ହାହାକାର ॥
ମାର୍ତ୍ତଣ୍ଡ ଖରା ବି ପ୍ରକୃତିର ଦାନ
ସୁଖେ ଦୁଃଖେ ସହଚର
ଧ୍ୱାନ୍ତ ଧରିତ୍ରୀ ପାଇଁ କି ସେ ସାଜେ
ସପନର ସୌଦାଗର ॥

*ନୂଆପଡା, କଟକ*

## କୁନି ରଥ

*ସୁଧାକର ରାଉତ*



କୁନି ହାତରେ ମୁଁ ଗଢିଛି ରଥ
ଆସ ସେଠିକି ହେ ଜଗତ ନାଥ ।
ଭାଇ ଭଉଣୀଙ୍କୁ ସଙ୍ଗତେ ଘେନି
ବସ ତହିଁ ମୋ କୁନି କଥା ମାନି ।
ମନ୍ତ୍ର,ତନ୍ତ୍ର ଜଣା ନାହିଁଟି ମୋତେ
'ଭାବ'ବି ଧରାଦିଏନି ମୋ ହାତେ।
ତୁମ କଥା ଭାବି ଦୀପଟେ ଜାଳି
ଖୁସିରେ ପକାଇବି ହୁଳହୁଳି ।
ମନରେ ତୁମର କିଛି ନ ଧରି
ଯାହା ଦେବି ତାକୁ ନେବଟି ହରି ।
ଫୁଲ ଗୁନ୍ଥି ମୁହିଁ କରିଛି ହାର
ପିନ୍ଧିବ ତାହାକୁ ନ ଭାବି ପର ।
ସବୁ ଲୋକଙ୍କର ମନର କଥା
ଜାଣିପାରି ଦୂର କରଟି ବ୍ୟଥା ।
କହୁଥିଲେ ପରା ଆମରି ଜେଜେ
ତାଙ୍କ କଥା ମାନି ତୁମକୁ ପୂଜେ ।
ହେଲେ ତାଙ୍କୁ ଏବେ ହେଇଛି
ରୋଗ
ତାଙ୍କୁ ଭଲ କରିଦିଅଟି ଆଗ ।
ମାଗୁ ନାହିଁ ତୁମକୁ କିଛି ଆଉ
ତାଙ୍କ ଦେହଟି ଖାଲି ଭଲ ହେଉ ।
ତୁମକୁ ଆଉ ମୁଁ ମାଗିବି କିସ
ସବୁ ତୁମ ଇଚ୍ଛା ଜଗତ ଈଶ ।

*ପ୍ରତାପ ନଗରୀ, କଟକ*
*ମୋ - ୮୨୪୯୯୩୨୮୯୨*

## ନିଃସ୍ୱାର୍ଥପର କିଏ ?

*ନିରଞ୍ଜନ ସାହୁ*



ସ୍ୱାର୍ଥପର ଏହି ଦୁନିଆ ଭିତରେ
ନିଃସ୍ୱାର୍ଥପର ଯେ କିଏ
ନିଃସ୍ୱାର୍ଥପରର ଅଭିନୟ କରି
ସ୍ୱାର୍ଥକୁ ସାଉଁଟି ନିଏ ।

ବାହାରକୁ ଭାରି ସାଦାସିଧା ଦିଶେ
କହେ କଅଁଳିଆ କଥା
ଭିତରେ ଭିତରେ ଭାବୁଥାଏ ସିଏ
ଉଚ୍ଚରେ ତାହାରି ମଥା

ସାଧାରଣ ଲୋକେ ବୁଝି ପାରନ୍ତିନି
ଭାବନ୍ତି ଦେବତା ଇଏ ।
ବକ ଧାର୍ମିକ ସେ ଜଣାପଡ଼େ ନାହିଁ
କରେ ଲୋକଦେଖା କର୍ମ
ସରଳିଆ ଲୋକମାନଙ୍କୁ ବୁଝାଏ
ପାଳନ କରନ୍ତୁ ଧର୍ମ
ନିଜେ କିନ୍ତୁ ଗୋଟେ
ବିରାଡ଼ି ବୈଷ୍ଣବ
ଶୃଙ୍ଖଳା ଭାଷଣ ଦିଏ ।

ଜାଣିବା ବୁଝିବା ଲୋକ
ବି ଜାଣେନା
ତାହାରି ଉଦ୍ଦେଶ୍ୟ ଯାହା
ତାହାରି କଥାରେ ଭାସି ଯାଇଥାଏ
ଭାବେ ସିଏ ଚଉବାହା
ଚିହ୍ନିବା ବେଳକୁ ସରି ଯାଇଥାଏ
ଏମିତିକା ଲୋକ ସିଏ ।

*ନିହଲ ପ୍ରସାଦ ,*
*ଗଁଦିଆ ପାଟଣା*
*ଢେଙ୍କାନାଳ*
*ମୋ : ୯୯୩୮୭୪୧୫୮୩*

## ପେନ୍ କିଲର୍



ସୁଚରିତା ମହାନ୍ତି

ପୂଜା ପାଖେଇ ଆସୁଛି,ପତ୍ରିକା କାମ ଚାଲିଲାଣି,ବିଭିନ୍ନ ପ୍ରକାରର କବିତା, ଗଳ୍ପ,ପ୍ରବନ୍ଧ ଇତ୍ୟାଦି ପରିପୂର୍ଣ୍ଣ ହୋଇଥିବା ସୁନ୍ଦର ସୁନ୍ଦର ପତ୍ରିକା ବଜାରକୁ ଆସିବ। ବିଶେଷକରି ସାହିତ୍ୟିକମାନଙ୍କର ଗୋଟିଏ ଉତ୍ସାହ ଥାଏ ପୂଜା ବିଶେଷାଙ୍କରେ ତାଙ୍କର ଲେଖାଟିଏ କେମିତି ସ୍ଥାନ ପାଇବ । ସେଥିପ୍ରତି ସେମାନେ ବେଶ୍ ସଚେତନ ଥାନ୍ତି। ଏବଂ ପ୍ରକଶକମାନେ ମଧ୍ୟ ଉତ୍ତମ ଲେଖକମାନଙ୍କର ଲେଖା ପାଇ ନିଜକୁ ଗର୍ବିତ ମନେକରନ୍ତି।

ସେମିତି ଆମ ପତ୍ରିକା ପାଇଁ ଅନେକଗୁଡ଼ିଏ ଲେଖା ଆସିଲାଣି। ତା' ସହିତ ଫୋନ୍ ମଧ୍ୟ ଅନେକ ଆସୁଛି। କେବେ ସୁଦ୍ଧା ପଠେଇଲେ ହେବ ଏମିତି କିଛି ପ୍ରାସଙ୍ଗିକତାକୁ ନେଇ।

ସକାଳୁ ସକାଳୁ ଫୋନ୍ କଲ୍ ଟିଏ ଆସିଲା।ମୁଁ ଯାଇ ଦେଖେ ତ ଓଡ଼ିଶାର ଜଣେ ବିଶିଷ୍ଟ କବି ଧୀରେନ ଆଚାର୍ଯ୍ୟଙ୍କ ଫୋନ କଲ୍ ।

ମୁଁ ରିସିଭ୍ କଲି,କହିଲି, ପ୍ରଣାମ ସାର୍।କେମିତି ଅଛନ୍ତି।ସାର୍ ହସିହସି କହିଲେ, ଆଶୀର୍ବାଦ।

ସୁଚରିତା ତମେ ଭଲ ଅଛ । ମୁଁ କହିଲି, ହଁ ସାର୍ ସେମିତି ଚାଲିଛି। ହେଉ ଭଲରେ ଥାଅ।ମୁଁ ପୂଜା ସଂଖ୍ୟା ପାଇଁ ତମ ଠାରୁ ଆଗ ବହନି କଲି । ଏଯାଏଁ କେଉଁଠିକୁ ପଠାଇପାରି ନାହିଁ।ମୋତେ ଥ୍ରୋଟ୍ କ୍ୟାନ୍ସର ହୋଇଛି।ମୁଁ ଆଉ ଲେଖି ପାରୁନି।

ମୁଁ ଟିକେ ନିରବୀ ଗଲି । ଆଶ୍ଚର୍ଯ୍ୟ ମଧ୍ୟ ହେଲି ।ପଚାରିଲି ଆପଣ କ'ଣ ଅପରେସନ ହେଲେ ନା ମେଡିସିନରେ ଭଲ ହେବେ । ଡାକ୍ତର କ'ଣ କହୁଛନ୍ତି।ଆପଣ କେଉଁଠି ଟ୍ରିଟମେଣ୍ଟ ହେଉଛନ୍ତି। ଏମିତି ଅନେକ ପ୍ରଶ୍ନ ପଚାରିଗଲି। ସାର୍ କିନ୍ତୁ ମଝିରେ ମଝିରେ କଥା କହୁ ଖୁଁକୁରୁ ଖୁଁକୁର ହୋଇ କାଶୁଥାଆନ୍ତି।

ତାଙ୍କର କଷ୍ଟ ବାରିହୋଇ ପଡୁଥିଲା। ସେ କହୁଥାନ୍ତି,ଆରେ ସେ ପାଇଁ ମୁଁ ମୋଟେ ବ୍ୟସ୍ତ ନୁହେଁ।ଆଉ ଚାରି, ପାଞ୍ଚ ମାସ ପରେ ମୋତେ ଅଶୀବର୍ଷ ହୋଇଯିବ। ମୋର ମୃତ୍ୟୁକୁ ଭୟ ନାହିଁ।ସବୁ କାମ ସରିଯାଇଛି। ଈଶ୍ୱର ମୋ ଜୀବନକୁ ପରିପୂର୍ଣ୍ଣ କରିଛନ୍ତି।ଲୋଭ ମଧ୍ୟ ନାହିଁ ।ଝିଅ ଜ୍ୱାଇଁ ନାତିନାତୁଣୀ ସମସ୍ତେ ମୋ କଥା ବୁଝୁଛନ୍ତି ।

ସେମାନେ ଅନେକ ଜିଦ୍ ଧରିଥିଲେ ଅପରେସନ କରିଦେବାକୁ।କିନ୍ତୁ ମୁଁ ରାଜି ହେଲିନି।ମୃତ୍ୟୁ ଦିନେ ନା ଦିନେ ଆସିବ ସେଥିରେ ଭାବିବାର କ'ଣ ଅଛି।

ମୁଁ ମଝିରେ ମଝିରେ କହୁଥାଏ ସାର୍ ଆପଣଙ୍କୁ କଷ୍ଟ ହେଉଥିବ କେମିତି ସହୁଛନ୍ତି।

ସାର୍ ସେମିତି ହସିହସି କହୁଥାନ୍ତି,ମୁଁ ପେନ୍ କିଲର୍ ଖାଉଛି। ଯେତେବେଳେ ଦରଜ କରେ ସେତେବେଳେ ଗୋଟିଏ ଲେଖା ଖାଇଦିଏ।ଡାକ୍ତର କହିଲେ, ସାର୍ ଆପଣ ତ ସାହିତ୍ୟିକ ଲୋକ ଆପଣଙ୍କୁ କେମିତି ବୁଝେଇବି। ପେନ୍ କିଲର୍ ଖାଇଲେ କିଛି ସମୟ ପାଇଁ ଦରଜ କମିଯିବ ସିନା ହେଲେ ଆପଣଙ୍କର ଅନ୍ୟ ଅଙ୍ଗ ଉପରେ ତା'ର କୁପ୍ରଭାବ ପଡ଼ିବ। କେତେବେଳେ ହୃଦଘାତ ହୋଇ ଯାଇପାରେ।

ମୁଁ କହିଲି,ହେଉ କ'ଣ ଅସୁବିଧା ଅଛି। ଜୀବନ କ୍ଷଣସ୍ଥାୟୀ ଜାଣି ମଧ୍ୟ କାହିଁକି ଆଉ ସେ ଚିକିତ୍ସା ଲୋଭରେ ପଡ଼ିବି ।ଯେତେଦିନ ପର୍ଯ୍ୟନ୍ତ ଥିବି ସିଗାରେଟ୍ ଟାଣିବା ଛାଡ଼ିବିନି କିମ୍ବା ପେନ୍ କିଲର୍ ଛାଡ଼ିବିନି।ଏମିତିରେ ଆଉ ଅଛି କ'ଣ ଯେ,ବଞ୍ଚିବାକୁ ଇଚ୍ଛା ହେବ।

ଏବେ ପିଲାଙ୍କର କଥା ରଖି ସବୁଆଡ଼? ବୁଲାବୁଲି କରି ଫେରିଛି। ଶେଷଥର ପାଇଁ ବାରିପଦା ଯିବି। ସମସ୍ତଙ୍କୁ ଦେଖି ଆସିବି ।ମୁଁ କେବଳ ତାଙ୍କ ଶୁଣୁଥାଏ। କଥା ହେଉ ହେଉ କାଶ ଅଧିକ ହେବାକୁ ଲାଗିଲା ।

ଶେଷରେ କହିଲେ, ସୁଚରିତା ରହିଲି , ଭଲରେ ଥାଅ। ମୁଁ କହିଲି ସାର୍ ଆପଣଙ୍କୁ ମହାପ୍ରଭୁ ଦୀର୍ଘାୟୁ କରନ୍ତୁ। ପ୍ରଣାମ ସାର୍। କଲ୍ କଟିଗଲା। ଅନୁଭବ କଲି ତାଙ୍କୁ କେତେ କଷ୍ଟ ସହିବାକୁ ପଡୁଚି। କେମିତି ସହୁଛନ୍ତି।

କ୍ୟାନସର ଭଳି ରୋଗରୁ ମୁକ୍ତି ପାଇବା ସହଜତ ନୁହେଁ ତଥାପି ଚିକିତ୍ସା କଲେ ଅନେକ ଲୋକ ରୋଗମୁକ୍ତ ହୋଇଥାନ୍ତି ।ତାଙ୍କୁ ବୁଝେଇଲେ ସେ କ'ଣ ବୁଝିବେ ବରଂଚ୍ ଓଲଟି ବୁଝେଇ ଦେବେ। ଧୀରେନ ସାର୍ ଙ୍କୁ ଯେବେ ଠାରୁ ଜାଣିଛି,ମୋ ଜାଣିବାରେ ସେ ଭାରି ସ୍ନେହୀ ମଣିଷ।

ତାଙ୍କର କେତେଗୁଡ଼ିଏ ପୁସ୍ତକ ମୋ ପାଖକୁ ପୋଷ୍ଟାଲରେ ପଠେଇ ଛନ୍ତି ।ଖୁବ୍ ଚମତ୍କାର ତାଙ୍କର ପ୍ରତ୍ୟେକଟି ସୃଷ୍ଟି ।ସବୁ ସମୟରେ ମୁଖପୁସ୍ତିକାରେ ତାଙ୍କର କବିତା ଆବୃତ୍ତି ସମସ୍ତଙ୍କ ହୃଦୟକୁ ଛୁଇଁ ଯାଏ ।

କେତୋଟି ଚିଠି ମୋ ପାଖରେ ସାଇତା ହୋଇ ଅଛି। ଝିଅ ଭଳି ଆଦର କରୁଥିବା ଜଣେ ପ୍ରଫେସର ଶେଷ ଜୀବନରେ ପେନ୍ କିଲରକୁ ଆପଣେଇ ମାରାତ୍ମକ ରୋଗ ଦାଉରୁ ନିଜ କଷ୍ଟକୁ ଭୁଲିବାର ନିଷ୍ପତ୍ତି ମୋତେ ?କେବଳ ଆଶ୍ଚର୍ଯ୍ୟ କରୁଥାଏ ତାହା ନୁହେଁ ବରଂ ନୈରାଶ୍ୟର ଜାଲରେ ଛନ୍ଦି ପକାଉଥାଏ।ମୁଁ ବୁଝି ପାରୁନଥାଏ ଏମିତି ଭାବନା ତାଙ୍କ ମନକୁ ଆସିଲା କାହିଁକି।

'ପେନ୍ କିଲର୍' କ'ଣ ସତରେ ଯନ୍ତ୍ରଣାରୁ ଉପଶମ ଦିଏ ନା ପରମୁହୂର୍ତ୍ତରେ ଯନ୍ତ୍ରଣାର ଜଉ ଘରେ ଜଳିବାକୁ ଛାଡ଼ିଦିଏ । ବୁଝିବାକୁ ବୋଧେ ମୁଁ ସତରେ ଅସମର୍ଥ ଥିଲି ।

*ବାରିପଦା,ମୟୂରଭଞ୍ଜ*
*ମୋ : ୮୯୧୭୫୭୧୨୦୨*




# ବ୍ଲକସ୍ତରୀୟ ଅନ୍ତର୍ଜାତୀୟ ଯୋଗ ଦିବସ



ଗୋଲାମୁଣ୍ଡା(ପିଏନ)-ଯୋଗ ଭାରତର ପ୍ରାଚୀନ ସଂସ୍କୃତିର ଏକ ଅମୂଲ୍ୟ ଉପହାର । ଏହା ମନ ଏବଂ ଶରୀରକୁ ସଂଯୋଗ; ଚିନ୍ତା ଏବଂ କ୍ରିୟା; ସଂଯମ ଏବଂ ପୂର୍ଣ୍ଣତା; ମନୁଷ୍ୟ ଏବଂ ପ୍ରକୃତି ସହ ସଂଗତି; ସ୍ୱାସ୍ଥ୍ୟ ଏବଂ ସମୃଦ୍ଧି ପାଇଁ ଏକ ସିଦ୍ଧ ଉପଚାର ଅଟେ । ଏହା କେବଳ ଏକ ବ୍ୟାୟାମ ନୁହେଁ ନିଜ ଭିତରେ ଜଗତ ଏବଂ ପ୍ରକୃତି ସହ ଏକାଗ୍ରତା ଆବିଷ୍କାର କରିବାକୁ ହୋଇଥାଏ, ଚେତନା ଉଦ୍‌ରେକକରି ଆମ ଜୀବନଶୈଳୀରେ ପରିବର୍ତ୍ତନ ଆଣି ଆମ ପାରିପାର୍ଶ୍ୱିକ ଜଗତରେ ସହ ଖାପ ଖୁଆଇ ଚାଲିବାରେ ସହଯୋଗ କରେ । ଜୁନ ୨୧ ଗ୍ରୀଷ୍ମ ସଂକ୍ରାନ୍ତିରେ ସୂର୍ଯ୍ୟ ଦକ୍ଷିଣାୟନ ମୋଡ଼ ନେଇଥାନ୍ତି, ଏହି ଦିନକୁ ଆନ୍ତର୍ଜାତିକ ଯୋଗ ଦିବସ ଭାବେ ନରେନ୍ଦ୍ର ମୋଦୀ ପ୍ରସ୍ତାବ ଦେଇ ଉପସ୍ଥାପନ କରିଥିଲେ ଯେ ଉତର ଗୋଲାର୍ଦ୍ଧରେ ପୁରା ବର୍ଷରେ ଏହି ଦିନର ଅବଧି ବଡ଼ ହୋଇଥିବା ସହ ବିଶ୍ୱରେ ବିଭିନ୍ନ ସ୍ଥାନରେ ଏହିଦିନର ମହତ୍ୱ ଅଛି । ଏହି ଅବସରରେ ଗୋଲାମୁଣ୍ଡା ପଂଚାୟତ ସମିତି ସ୍ତରୀୟ ଅନ୍ତର୍ଜାତୀୟ ଯୋଗ ଦିବସ ଗୋଲାମୁଣ୍ଡା ବିଜୁ କଲ୍ୟାଣ ମଣ୍ଡପ ଠାରେ ଆୟୋଜିତ ହୋଇଯାଇଛି । ଉକ୍ତ ଯୋଗ ଦିବସରେ ଗୋଲାମୁଣ୍ଡା ବିଡ଼ିଓ ବିଶ୍ୱନାଥ ରାଉତ,ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଜେଶ ନାୟକ , ଗୋଲାମୁଣ୍ଡା ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ତାଣ୍ଡି , ଯୋଗଗୁରୁ ସ୍ୱାମୀ ସତ୍ୟ ସ୍ୱରୂପାନନ୍ଦ ସରସ୍ୱତୀ, ସହଯୋଗୀ ଯୋଗ ଶିକ୍ଷକ ବ୍ରହ୍ମା ପ୍ରସାଦ କାଣ୍ଡ , ସମାଜ ସେବୀ ଶ୍ୟାମସୁନ୍ଦର ଅଗ୍ରୱାଲା,ସରକାରୀ ଯନ୍ତ୍ରୀ ଚିତରଞ୍ଜନ ଜେନା, ରବିନ୍ଦ୍ର କୁମାର ପଟ୍ଟନାୟକଙ୍କ ସହିତ ବ୍ଲକର ସମସ୍ତ ବିଭାଗ କର୍ମଚାରୀ ଓ ଉପସ୍ଥିତ ଥିଲେ । ଏଥିରେ ଯୋଗ ସମ୍ବନ୍ଧରେ ସମସ୍ତଙ୍କୁ ଶିକ୍ଷା ଦିଆଯାଇଥିଲା ।

# ସ୍ଥାନୀୟ ବିଜୁ ପଟ୍ଟନାୟକ ଅଡିଟୋରିୟମ ଠାରେ ଅନୁଷ୍ଠିତ ହୋଇଯାଇଛି ପ୍ରେସ ୟୁନିୟନର ୯ମ ବାର୍ଷିକ ଉତ୍ସବ




ଭୁବନେଶ୍ୱର,(ପି.ଏନ): ଆୟୋଜିତ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମ ମୁଖ୍ୟ ଅତିଥି ଭାବେ କାଦମ୍ବିନୀ ସାହିତ୍ୟ ପତ୍ରିକାର ସଂପାଦିକା ଇତିରାଣୀ ସାମନ୍ତ, ବକ୍ତା ଭାବେ, କୋରାପୁଟ ସେଂଟ୍ରାଲ ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ଓ ଗଣ ଯୋଗାଯୋଗର ପ୍ରାଧ୍ୟାପକ ନିଖିଲ କୁମାର ଗୌଡ ଏବଂ ସମ୍ମାନୀତ ଅତିଥି ଭାବେ ଅଖିଳ ଭାରତୀୟ ସଂସ୍ଥା ସମିତିର ସଭାପତି ଦାଣ୍ଡି ସ୍ୱାମୀ ଭାସ୍କର ତୀର୍ଥଙ୍କ ସହ ପ୍ରେସ ୟୁନିୟର ସଭାପତି ଅମୂଲ୍ୟ ରତ୍ନ ସାହୁ ଏବଂ ସାଧାରଣ ସଂପାଦକ ଶିବାଜୀ ଦାଶ ମଂଚାସୀନ ଥିଲେ । ଶ୍ରୀସାହୁ, ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶ୍ରୀଦାଶ, ସଂଘର ବାର୍ଷିକ ବିବରଣୀ ପାଠ କରିଥିଲେ ।ସେ ନିଜ ବକ୍ତବ୍ୟରେ ସ୍ୱର୍ଗତ ରାଜିବ ପଣ୍ଡାଙ୍କ ଅସହାୟ ବୃଦ୍ଧ ପିତା, ମାତାଙ୍କୁ ମାସିକିଆ ଭତା ପ୍ରଦାନ କରାଯିବ ବୋଲି କହିଥିଲେ । ବିଗତ ବର୍ଷରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ସହ ସାମାଜିକ କାର୍ଯ୍ୟକ୍ରମ ମାନ କରାଯାଇଥିବା ସେ ପ୍ରକାଶ କରିଥିଲେ । ସେ ଆହ୍ୱାନ ଦେଇ କହିଥିଲେ ଯେ ଆସ ସମସ୍ତେ ମିଳିମିଶି ଲୋକଙ୍କ ପାଇଁ ସେବା କରିବା । ଭାରତ ବର୍ଷରେ ଶାନ୍ତି ସ୍ଥାପନ କରିବାରେ ସାମ୍ବାଦିକ ମାନଙ୍କ ଅବଦାନ ଅତୁଳନୀୟ । ନିଜ ଅଂଚଳର କାର୍ଯ୍ୟରତ ସାମ୍ବାଦିକ ମାନେ ସ୍ଥାନୀୟ ଖବରକୁ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି । ନିଜ ଲେଖନୀ ଦ୍ୱାରା ସମସ୍ୟାର ସମାଧାନ ହୋଇପାରିଲେ ସ୍ଥାନୀୟ ଅଂଚଳର ବିକାଶ ହୋଇପାରିବ ବୋଲି ବକ୍ତା ଶ୍ରୀଗୌଡ ପ୍ରକାଶ କରିଥିଲେ ।ମୁଖ୍ୟ ଅତିଥି ଡଃ ସାମନ୍ତ, ଗଣମାଧ୍ୟମ ପ୍ରତିନିଧି ମାନଙ୍କ କାର୍ଯ୍ୟକୁ ପ୍ରଶଂସା କରିବା ସହ ଗଣମାଧ୍ୟମ ପ୍ରତିନିଧି ମାନଙ୍କ ଅସୀମ ସାହାସ ଯୋଗୁଁ ଦେଶ ତଥା ବିଦେଶର କୋଣ ଅନୁକୋଣରେ ଘଟୁଥିବା ଖବର ଗୁଡିକ ଖୁବ୍ କମ ସମୟରେ ଜାଣିପାରୁଛନ୍ତି ବୋଲି ପ୍ରକାଶ କରିଥିଲେ । ଏଥି ସହ ପ୍ରେସ ୟୁନିୟନ ତରଫରୁ ଯେଉଁ ଜନହିତକର କାର୍ଯ୍ୟ କରାଯାଉଛି ତାହାକୁ ପ୍ରଶଂସା କରିଥିଲେ । ସେବା ଓ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବାଦନ ପାଇଁ ପ୍ରେସ ୟୁନିୟନ ତରଫରୁ ବ୍ୟକ୍ତିବିଶେଷଙ୍କୁ ସମ୍ମାନୀତ କରାଯାଇଥିଲା । ସହରର ବୁଲା କୁକୁର ମାନଙ୍କୁ ପ୍ରତିଦିନ ଖାଇବା ଦେଉଥିବାରୁ ଅଙ୍କୁର ନାହାକ ଓ ବିଷ୍ଣୁପ୍ରିୟା ନାହାକଙ୍କୁ ସମ୍ମାନୀତ କରାଯାଇଥିଲା । ସେହିପରି ଶିକ୍ଷାକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଶିକ୍ଷୟତ୍ରୀ ରାଜଲକ୍ଷ୍ମୀ ପଣ୍ଡା ଏବଂ ଶବ ସତ୍କାର ପାଇଁ ମାଗଣରେ ଶବ ବାହାକ ଗାଡି ଦେଉଥିବାରୁ ରାୟଗଡା ଲରୀ ମେକାନିକ ଆସୋସିଏସନକୁ ସମ୍ମାନୀତ କରାଯାଇଥିଲା ।କାର୍ଯ୍ୟକ୍ରମରେ ଓଡଶୀ ନୃତ୍ୟ ଶିକ୍ଷକ ତ୍ରିଲୋଚନ ସାହୁଙ୍କ ଦ୍ୱାରା ଚିତାକର୍ଷକ ନୃତ୍ୟ ପ୍ରଦର୍ଶନ କରାଯାଇଥିବା ବେଳେ ଉପସ୍ଥିତ ଥିଲେ ବରିଷ୍ଠ ନାଗରିକ ମଙ୍ଗଳ ସଂଘର ସଭାପତି ବିନୋଦ ପଣ୍ଡା, ଶିକ୍ଷାବିତ୍ ଦୁଷ୍ମନ୍ତ ମହାନ୍ତି, ଉତ୍କଳ ଆଲୁମିନାର ଲୋକସଂପର୍କ ଅଧିକାରୀ ପିତାମ୍ବର ବେହେରା, ଆଦିତ୍ୟ ଆଲୁମିନାର ସିଏସଆର ମୁଖ୍ୟ ତନ୍ମୟ ମହାନ୍ତି, ଟ୍ରକ ମାଲିକ ସଂଘର ସଭାପତି ୟାଲା ଭେଙ୍କେଟେଶ୍ୱର ରାଓ, ଜିଷ୍ଟ କଲେଜର ନିର୍ଦ୍ଦେଶକ ଗୋବିନ୍ଦ ରଥ ପ୍ରମୁଖ ଉପସ୍ଥିତ ଥିବା ବେଳେ କାର୍ଯ୍ୟକ୍ରମ ପରିଚାଳନା ସହଯୋଗ କରିଥିଲେ ସଂଘର ଉପଦେଷ୍ଟା ସୁରେଶ ଦାଶ, ରଘୁନାଥ ସାମଲ, ସନ୍ତୋଷ ପାଣିଗ୍ରାହୀ, ମୃତ୍ୟୁଂଜୟ ନନ୍ଦ,ଅମୂଲ୍ୟ ନିଶଙ୍କ , ରାଜେଶ ମହାନ୍ତି,ଶ୍ରିନିବାସ ବଳିୟାର ସିଂ ପ୍ରମୁଖ ।

# ଗୋଲାମୁଣ୍ଡା ରେ ଡାଏରୀଆ ସଚେତନତା କାର୍ଯ୍ୟକ୍ରମ



ଗୋଲାମୁଣ୍ଡା,(ପି.ଏନ): ଦିନ କୁ ଦିନ ଆମ ପରିବେଶ ରେ ବାୟୁ ପ୍ରଦୂଷଣ, ଶବ୍ଦ ପ୍ରଦୂଷଣ, ମାଟି ପ୍ରଦୂଷଣ ଓ ଜଳ ପ୍ରଦୂଷଣ ବୃଦ୍ଧି ପାଇଛି । କିନ୍ତୁ ଏଥିପାଇଁ ଆମେ ସମସ୍ତେ ଦାୟୀ । କାରଣ ଆମେ ଯତ୍ନ ହିନ ହେଉଛୁ । ଆଜିକାଲି ଆଧୁନିକ ଯୁଗରେ ପ୍ଲାଷ୍ଟିକ ଦ୍ରବ୍ୟ, ଜରି ତଥା ରାସାୟନିକ ସୃଷ୍ଟି ଦ୍ରବ୍ୟ ଯୋଗୁଁ ପ୍ରଦୂଷଣ ବଢ଼ିବାରେ ଲାଗିଛି । ଋତୁ ଅନୁଯାୟୀ ପ୍ରଦୂଷଣ ହୋଇ ବିଭିନ୍ନ ରୋଗର କାରଣ ପାଲଟିଛି ।ବର୍ତମାନ ଆରମ୍ଭ ହୋଇସାରିଛି ବର୍ଷା ଋତୁ । ଏବେ ଡ଼ାଏରିଆ ଭଳି ଜଳ ବାହିତ ରୋଗର ପ୍ରଭାବ ଆରମ୍ଭ ହୋଇ ସାରିଛି । ଏହି ରୋଗର ପ୍ରଭାବରେ ଅତୀତରେ ଅନେକଙ୍କ ଜୀବନହାନି ହୋଇସାରିଛି ।କିନ୍ତୁ ଆଗାମୀ ଦିନରେ ଡାଏରୀଆ ଭଳି ରୋଗରେ ଜନ ଜୀବନ ସୁରକ୍ଷିତ ରହିବ ସେ ନେଇ ପ୍ରଶାସନ ପକ୍ଷରୁ ଆରମ୍ଭ କରିଛନ୍ତି ଷ୍ଟପ ଡ଼ାଇରିଆ । ତୃଣମୂଳ ସ୍ତରରୁ କିଭଳି ଭାବରେ ଡ଼ାଇରିଆ ମୁକ୍ତ କରାଯିବ ସେ ନେଇ ଶନିବାର ବ୍ଲକ କାର୍ଯ୍ୟାଳୟ ପରିସରରେ ମିଶାନ ଶକ୍ତି ଜରିଆରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ବ୍ଲକ ଲେଭେଲ ଫେଡେରେସନ ସଭାନେତ୍ରୀ ପ୍ରିୟଙ୍କା ସାହୁ, ସମ୍ପାଦକ ଜ୍ୟୋତି ତାଣ୍ଡି, ବ୍ଲକ ପ୍ରୋଜେକ୍ଟ କୋଡ଼ିନେଟର ରାଜେନ୍ଦ୍ର ମଝିଆସେଠ, ବ୍ଲକ ଜୀବିକା ସଂଯୋଜକ ଅଜୟ ମାଝୀ, ବ୍ଲକ ଜୀବିକା ମିଶନ ପ୍ରୋଗ୍ରାମ ମ୍ୟାନେଜର ଯଦୁ ନନ୍ଦ ମେହେର,ସମାଜସେବୀ ଶ୍ୟାମ ସୁନ୍ଦର ଅଗ୍ରୱାଲ ପ୍ରମୁଖ ମଂଚାସିନ ହୋଇ ମାଛି ବସା ଖାଦ୍ୟ, ବାସି ଖାଦ୍ୟ ପଚ଼ା ଫଳ ଓ ପନିପରିବା ନ ଖାଇବା, ନଦୀ ନାଳ ପୋଖରୀ, ପାଇଖାନା ପାଖରେ ଥିବା କୂଅ କିମ୍ବା ନଳକୂପ ର ପାଣି ନ ପିଇବାକୁ ପରାମର୍ଶ ଦେଇଥିଲେ । ଏଥିରେ ଏମବିକେ, ସିଆରପି ଓ ଏସଏଚ଼ଜି ତଥା ବିଏଲଏଫ ମହିଳା ଉପସ୍ଥିତ ଥିଲେ । ଏଥିରେ ପାଣିକୁ ଅଧା ଘଂଟାଏ ଫୁଟାଇ ଥଣ୍ଡା କରି ପରିଷ୍କାର ପାତ୍ରରେ ଗୋଡ଼ାଇ ରଖି ପିଇବା, ଫୋଟା ପାଣି ନମିଳିଲେ ୧ ଲିଟର ପିଛା ଗୋଟେ ହେଲୋଜେନ ବଟିକା ପକାଇ ଅଧା ଘଂଟା ପରେ ପିଇବା, ଖାଦ୍ୟ ପ୍ରସ୍ତୁତ ହେବା ପୂର୍ବରୁ, ଖାଦ୍ୟ ଖାଇବା ପୂର୍ବରୁ ଏବଂ ଶୌଚ଼ ହେବା ପରେ ସାବୁନ ରେ ଭଲ ଭାବରେ ହାତ ଧୋଇବା, କୌଣସି ବ୍ୟକ୍ତି ଝାଡ଼ା/ବାନ୍ତି ହେଲେ ତୁରନ୍ତ ଓଆରଏସ ପାଣି ପିଇବା ଏବଂ ଶୀଘ୍ର ଡାକ୍ତରଙ୍କ ପରାମର୍ଶ ନେବା, ପରିବେଶ ସଫା ରଖିବା, ବାସନକୁସନ, ରୋଷେଇ ଜାଗା ଆଦି ପରିଷ୍କାର ରଖିବା ଆଦି ବିଷୟ ରେ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚ଼ନା କରାଯାଇଛି ।

# ‘ପଶ୍ଚିମ’ର ୱେବ ସିରିଜ ପାଇଁ ମେଗା ଅଡିସନ୍ ଅନୁଷ୍ଠିତ,୭୦ ଜଣ କଳାକାର ଯୋଗ ଦେଲେ



ସୁବର୍ଣ୍ଣପୁର, (ପି.ଏନ): ପଶ୍ଚିମ ଓଡିଶାର କଳା, ସଂସ୍କୃତି, ପରମ୍ପରା ଏବଂ ଦୈନନ୍ଦିନ ଘଟଣାବଳିକୁ ନେଇ ଖୁବ୍ ଶୀଘ୍ର ପଶ୍ଚିମ ମିଡିଆ ନେଟୱାର୍କ ପକ୍ଷରୁ ଏକ ଓଟିଟି ପ୍ଲାଟଫର୍ମ ଆରମ୍ଭ ହେବାକୁ ଯାଉଛି । ଓଡିଶାରେ ପ୍ରଥମ ଥର ପାଇଁ ଏହି ଓଟିଟି ପ୍ଲାଟଫର୍ମରେ ଉଭୟ ନ୍ୟୁଜ୍ ଏବଂ ମନୋରଞ୍ଜନ କାର୍ଯ୍ୟକ୍ରମ ପ୍ରସାରଣ ହେବ । ଏହି ସଂସ୍ଥାର ପ୍ରଥମ ପ୍ରଯୋଜନାରେ ପଶ୍ଚିମ ଓଡିଶାର ଗୋଟିଏ ନିଚ୍ଛକ କଥାବସ୍ତୁକୁ ନେଇ ଏକ ମେଗା ୱେବ ସିରିଜ୍ ନିର୍ମାଣ ହେବ । ଏହି ୱେବ ସିରିଜରେ ଅଭିନୟ ପାଇଁ ସୋନପୁର ବ୍ଲକ ଛକ ସ୍ଥିତ ରୟାଲ କନଭେନ୍ ?ସନ୍‌ପରିସରରେ ଏକ ମେଗା ଅଡିସନ୍ ଅନୁଷ୍ଠିତ ହୋଇଛି । ଏହି ମେଗା ଅଡିସନ୍ କାର୍ଯ୍ୟକ୍ରମରେ ସମ୍ବଲପୁର, ବଲାଙ୍ଗିର, ସୋନପୁର, ବରଗଡ, ବୌଦ୍ଧ, କଳାହାଣ୍ଡି, ନୂଆପଡା, ଝାରସୁଗୁଡା, ସୁନ୍ଦରଗଡ, ଦେବଗଡ ଆଦି ଜିଲ୍ଲାର ପ୍ରାୟ ୭୦ ଜଣ ବଛା ବଛା କଳାକାର ଯୋଗ ଦେଇ ନିଜ ନିଜ ଅଭିନୟର ଯାଦୁ ଦେଖାଇ ଥିଲେ । କଳାକାର ଚୟନ ବେଳେ ଏନ୍‌ଏସ୍‌ଡିଆନ ତଥା ବଲିଉଡ ଅଭିନେତା ଜଗନ୍ନାଥ ସେଠ ଏବଂ ନାଟ୍ୟଶ୍ରୀ ଗଦାଧର ବାରିକ ବିଚାରକ ଭାବେ ଯୋଗ ଦେଇଥିଲେ ।




୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
ଖୋଳ ପର୍ଯ୍ୟବେକ୍ଷକ
Bhubaneswar Sunday June 22 | ଭୁବନେଶ୍ୱର ରବିବାର, ୨୨, ୨୦୨୫ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com


# ନୟାଗଡ କଂଗ୍ରେସ କମିଟି ତରଫରୁ ନୟାଗଡରେ ସମ୍ବିଧାନ ବଞ୍ଚାଓ ଦେଶ ବଞ୍ଚାଓ ସମାବେଶ



ରଣପୁର,(ପି.ଏନ): ଆଜି ରାହୁଲ ଗାନ୍ଧିଙ୍କ ନିର୍ଦେଶ କ୍ରମେ ପିସିସି ସଭାପତି ଭକ୍ତ ଚରଣ ଦାସ ଙ୍କ ଆହ୍ୱାନ କ୍ରମେ ,ନୟାଗଡ ରେ ସମ୍ବିଧାନ ବଚାଓ ଦେଶ ବଞ୍ଚାଓ ସମାବେଶ ନୟାଗଡ ଜିଲ୍ଲା କଂଗ୍ରେସ କମିଟି ସଂଯୋଜକ ,ସତ୍ୟବ୍ରତ ନାୟକ ଙ୍କ ନେତୃତ୍ୱ ରେ ଅନୁଷ୍ଠିତ ହୋଇଛି । ଆଜିର ପଦଯାତ୍ରା ରେ ହଜାର ହଜାର କଂଗ୍ରେସ କର୍ମୀ ଯାତ୍ରା ଓ ଯୁବ ର ଛାମୁଆ ସଂଗଠକ ଆଜି ର କାର୍ଯ୍ୟକ୍ରମ ରେ ଉପସ୍ଥିତ ରହିବା ସହ କ୍ରୁଙ୍ଗୟ ଡ଼ାକବଙ୍ଗଳା ଠାରୁ ନୂଆ ରାଜବାଟୀ ପର୍ଯ୍ୟନ୍ତ ବିଶାଳ ରାଲି ରେ ଯାଇ ,ନୂଆ ରାଜବାଟୀ ଠାରେ ଏକ ବିଶାଳ ଜନ ସମାରୋହ ଅନୁଷ୍ଠିତ ହେଇଥିଲା ।ପଦଯାତ୍ରା ବେଳେ କଂଗ୍ରେସ କର୍ମୀ ଙ୍କ ମୁଁହ ରୁ ସାମ୍ବିଧାନ ବଚ଼ାଓ ଦେଶ ବଞ୍ଚାଓ ... !ମୋଦି ହଟାଓ ଦେଶ ବଞ୍ଚାଓ ଆଦି ବିଭିନ୍ନ ମୋଦି ବିରୋଧୀ ନାର ରେ ନୟାଗଡ ମାଟି ପ୍ରକମ୍ପିତ ହଉଥିଲା । ଏକ ବର୍ଷ ର ବିଜେପି ସରକାର ,ନୟାଗଡ କୁ ଏକ ବର୍ଷ ଭିତରେ କଣ ଦେଇଛନ୍ତି ବୋଲି .ବରିଷ୍ଠ କଂଗ୍ରେସ ବିଧାୟକ ତଥା ପିସିସି ଉପସଭାପତି ତାରା ପସାଦ ବାହିନୀପତି ତଥ୍ୟ ଉପସ୍ଥାପନା କରୀ ଉକ୍ତ ସରକାର ଉପରେ ବର୍ଷିଥିଲେ ?୩୦୦ ୟୁନିଟ ବିଦ୍ୟୁତ ,ନୟାଗଡ ଚିନିକଳ ,ପ୍ରତି ପଞ୍ଚାୟତ ରେ ୧୦ ଯୁବକ ନକଙ୍କ ଚାକିରୀ ,ଚିଟ୍ଫଣ୍ଡ ତାଙ୍କ ଫେରସ୍ତ ଆଦି ପ୍ରତିଶୃତି ପୁରଣ ନ କରି ,ନୟାଗଡ ଜିଲ୍ଲା ବାସୀ ତଥା ଓଡିଶା ଜନ ସାଧାରଣ ଙ୍କୁ ବିଜେପି ସରକାର ପ୍ରତାରଣା କରିଛି ବୋଲି ଉପସ୍ଥିତ ନେତୃ ମଣ୍ଡଳୀ ତଥ୍ୟ ଉପସ୍ଥାପନା କରିଥିଲେ । ଆସନ୍ତା ପଂଚାୟତ ନିର୍ବାଚନ ପୂର୍ବରୁ ସହ ସହ ବିଜେଡି ଓ ବିଜେପି କର୍ମୀ ନୟାଗଡ କଂଗ୍ରେସ ରେ ଯୋଗଦେଇ ,ନୟାଗଡ କଂଗ୍ରେସ କୁ ସୁଦୃଢ କରିବେ ବୋଲି ସୂଚ଼ନା ମିଳିଛି ।

ଆଜିର ସମାବେଶ ରେ କଂଗ୍ରେସ ବିଧାୟକ ଦଳ ର ଉପନେତା ଅଶୋକ ଦାସ ଯୋଗ ଦେଇ କେନ୍ଦ୍ର ର ମୋଦି ସରକାର ,ରାଜ୍ୟ ର ମୋହନ ସରକାର ଯେପରି ଭାବରେ ସମ୍ବିଧାନ କୁ ଦୁରୁପଯୋଗ କରୀ , ରୟ ,ମଭସ ,ସଭମକ୍ଟଙ୍କର ସ୍ୱବଙ୍ଘ ,ଲଗାଇ ଯେଉଁପରି ଭାବରେ ନେତୃସ୍ଥାନୀୟ ଲୋକ ମାନଙ୍କୁ ଭୟବିତ୍ତ କରୁଛନ୍ତି ତାହା ଗଣତନ୍ତ୍ର ର ହତ୍ୟା ।

ପିସିସି ସାଧାରଣ ସମ୍ପାଦକ ଯଶୀର ନଓ୍ୱାଜ ଯୋଗ ଦେଇ ଆଗାମୀ ଦିନ ରେ ନୟାଗଡ ସଂଗଠନ କୁ ସୁଦୃଢ କରିବାପାଇଁ ନୟାଗଡ କଂଗ୍ରେସ କାର୍ଯ୍ୟ କର୍ତାଙ୍କୁ ଗୁରୁ ମନ୍ତ୍ର ଦେଇଥିଲେ ? କୃଷକ ସେଲ ଅଧକ୍ଷ ଅମୀୟ ପଟ୍ଟନାୟିକ ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇ ନୟାଗଡ ଜିଲ୍ଲା ରେ ଚ଼ାଷୀ ମାନଙ୍କ ପାଇଁ ବୃତଙ୍ଗ ଓ ଚିନିକଳ ପାଇଁ ବିଜେପି ସରକାର ଦେଇଥିବା ପ୍ରତିଶ୍ରୁତି ,ବର୍ଷ ? ହେଇଗଲା ମଧ ଏପଯ୍ୟନ୍ତ କୌଣସି କାର୍ଯ୍ୟକ୍ରମ ଆରମ୍ଭ ହେଲା ନାହିଁ ।ଜିଲ୍ଲା ସଂଯୋଜକ ସତ୍ୟବ୍ରତ ନାୟକ ଆଗାମୀ ବର୍ଷ ନୟାଗଡ କଂଗ୍ରେସ ପାଇଁ ସଂକଳ୍ପ ! ସଂଘର୍ଷ ! ଓ ସମର୍ପଣ !ର ବର୍ଷ ହେବ ବୋଲି ଆହ୍ୱାନ ଦେଇଥିଲେ ?

ଏହି କାର୍ଯ୍ୟ କ୍ରମ ରେ ପୂର୍ବତନ ଜିଲା ସଭାପତି ରଂଜିତ ଦାସ ,ବରିଷ୍ଠ ନେତା ମନୋଜ ସାହୁ ,ହୁସେନ ଖାଁ ,ବିଭୁ ପ୍ରସାଦ ମିଶ୍ର ,ବୈଜନ୍ତି ମାଳା ,ସରୋଜ ପରିଡା ,କମଳ ସାହୁ,ସୁକାନ୍ତ ଶତପଥି ,ଧ୍ରୁବ ଚ଼ରଣ ପରିଡା ,ସତ୍ୟ ରଞ୍ଜନ ମଣ୍ଡା,ମିର ଅବୁବକ୍କାର ସିଦି କି ,ଅନିଲ ଚୁଆଲ ସିଂ ,ଲକ୍ଷ୍ମୀଧର ତ୍ରିପାଠୀ ,ପୂର୍ଣ୍ଣ ଚ଼ନ୍ଦ୍ର ନାୟକ ,ପ୍ରଦ୍ୟୁମ୍ନ କୁମାର ସାହୁ ,ଅଶୋକ ନାୟକ ,ପ୍ରତୀକ ମହାପାତ୍ର ପୂର୍ଣ୍ଣ ଚ଼ନ୍ଦ୍ର ପ୍ରଧାନ ,ବିନୋଦିନୀ ମହାନ୍ତି ,ଶଶିକାନ୍ତ ସାହୁ ,ପ୍ରକାଶ ଚ଼ନ୍ଦ୍ର ନାୟକ ,ପ୍ରତିମା ଜେନା ,ଅନ୍ତର୍ଯ୍ୟାମୀ ସାମଲ ଙ୍କ ସମେତ

ଶିବ ରଞ୍ଜନ ସାହୁ ନୟାଗଡ ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ,ଦିଲ୍ଲୀପ ବିଶୋଇ,ଅମ୍ଲାନ ଅଂଶୁମାନ ସାହୁ ,ସୁନୀଲ କୁମାର ସାହୁ ,ଅରବିନ୍ଦ ପାଢ଼ୀ,ଓମ ପ୍ରକାଶ ପ୍ରଧାନ ,ଶାଶ୍ୱତ ପ୍ରଧାନ ,ଓମ ବିଶ୍ୱାଳ , ଜୀବନ ଜ୍ୟୋତି , ରୁଦ୍ର ପ୍ରଧାନ , ଆଦି ଛାତ୍ର ନେତା ଯୋଗ ଦେଇ ସମାବେଶ କୁ ସଫଳ ରୂପେ କାର୍ଯ୍ୟକାରୀ କରିଥିଲେ ।

# ଲଳିତା ରାଉତ ଫାଉଣ୍ଡେସନ ଦ୍ୱାରା ରକ୍ତଦାନ ଶିବିର ଅନୁଷ୍ଠିତ

ଭୁବନେଶ୍ୱର,(ପି.ଏନ): ଅଦ୍ୟ ତା ୨୦.୦୬.୨୫ ରିଖରେ ଇନ୍ଦିରାଗାନ୍ଧି ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ୍ୟା ସ୍ୱର୍ଗତ ଲଳିତା ରାଉତଙ୍କ ସ୍ମୃତି ଉଦେଶ୍ୟରେ ଯାଜପୁର ରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଅଛି । ଏହି କାର୍ଯ୍ୟକ୍ରମକୁ ରକ୍ତ ଭଣ୍ଡାର ଦାୟିତ୍ୱରେ ଥିବା ଡଃ ଗୌତମ ସାହୁ ଙ୍କ ଦ୍ୱାରା ଉଦଘାଟିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ଫାଉଣ୍ଡେସନ ର ମୁଖ୍ୟ ଡଃ ଦୁଷ୍ମନ୍ତ ନାୟକ ପରିଚ଼ାଳନା କରିବା ସହ ବ୍ୟାସନଗର ର ବହୁ ବୁଦ୍ଧିଜୀବୀ, ସମାଜ ସେବି ଉପସ୍ତି ତ ରହି ଏହାକୁ ପରିଚ଼ାଳନା କରିଥିଲେ । ଏହି କାର୍ଯ୍ୟ କ୍ରମରେ ଡଃ ରଞ୍ଜିବ ରାଉତ ଡଃ ଦେବାସିସ ସାହୁ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡଃ ମୋହନ ଚ଼ରଣ ଖୁଣ୍ଟିଆ ଅଧକ୍ଷ କାହ୍ନୁ ଚ଼ରଣ ଡିଗ୍ରୀ ମହାବିଦ୍ୟାଳୟ,ଲଳିତାସାହୁ ଅଧକ୍ଷ୍ୟ ଇନ୍ଦିରାଗାନ୍ଧି +୨ ମହାବିଦ୍ୟାଳୟ,ରତ୍ନାକର ଜେନା ଅଧକ୍ଷ ଇନ୍ଦିରାଗାନ୍ଧି ଡିଗ୍ରୀ ମହାବିଦ୍ୟାଳୟ, ଆଡଭୋକେଟ ବିବେକା ନନ୍ଦ ମହାନ୍ତି, ସିପଆଇ ନେତା ପ୍ରଫୁଲ ନାୟକ, ଡଃ ମଦନ ମୋହାନ ଯେନା, ଅଧାପକ ଶିଶିର ନାୟକ, ଜ୍ଞାନ ରଞ୍ଜନ ରାଉତ, ପ୍ରସାନ୍ତ ରାଉତ,ସଦାଶିବ ଦାସ ଆଦି ଉପସ୍ତିତ ରହି ରକ୍ତ ଦାତା ଙ୍କୁ ଉତ୍ସାହିତ କରିଥିଲେ । ଏହି ରକ୍ତଦାନ ଶିବିରରେ ସର୍ବଶ୍ରୀ ଡଃ ଦିବ୍ୟଜ୍ୟୋତି ନାୟକ ଡଃ ମୋର୍ଜ୍ୟଦୀପ ରାଉତ , ଇଞ୍ଜିନିୟର ଅବିନାଶ ରଥ.ସତ୍ୟବ୍ରତ ନାୟକ, ଚ଼କ୍ରଧର ଦାସ, କାଳନ୍ଦି ଦାସ, ବିଚ଼ିତ୍ର ଦଳାଇ, ହେମନ୍ତ ବେହେରା, ରୋନକ ଅଗ୍ରୱାଲ, ମୁନା ବେହେରା, ଅଶୋକ ମୁଣ୍ଡା, ଆଡଭୋକେଟ ଦିବ୍ୟାସା ନାୟକ ଆଦି ରକ୍ତଦାନ କରିଥିଲେ, ଏହି କାର୍ଯ୍ୟକ୍ରମ ବ୍ଲଡ ବ୍ୟାଙ୍କର ସମସ୍ତ କର୍ମଚ଼ାରୀ ସହ ବିଶିଷ୍ଟ ସମାଜସେବୀ ରାଜେସ ରାଉତ (ଟିକିନା) ସମସ୍ତ କାର୍ଯ୍ୟରେ ସହାୟତା କରିଥିଲେ ।




# ଟାଟା ଷ୍ଟିଲ୍ କଳିଙ୍ଗନଗର ଏବଂ ନୀଳାଚ଼ଳ ଇସ୍ପାତ ନିଗମରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ



କଳିଙ୍ଗନଗର, (ପି.ଏନ): ଟାଟା ଷ୍ଟିଲ୍ କଳିଙ୍ଗନଗର ଓ ନୀଳାଚ଼ଳ ଇସ୍ପାତ ନିଗମ (ଏନଆଇଏନଏଲ୍ ?) ପକ୍ଷରୁ ଶନିବାର ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ମାଧ୍ୟମରେ କର୍ମଚ଼ାରୀ ଓ ସେମାନଙ୍କ ପରିବାରବର୍ଗଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ଏବଂ ନିରୋଗୀ ଜୀବନଶୈଳୀକୁ ପ୍ରୋତ୍ସାହିତ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିଲା । ଏହି ଅବସରରେ, କଳିଙ୍ଗନଗର ଟାଉନସିପର ୱେଲନେସ୍ କର୍ନର୍ ବ୍ୟାନର୍ ଅଧୀନରେ ଯଏଣ୍ଟ ଡିପାର୍ଟମେଣ୍ଟାଲ୍ କାଉନସିଲ୍ ?, ଷ୍ଟିଲ୍ ଏବଂ ମିଲ୍ସ ଏବଂ ଅକ୍ୟୁପେସନାଲ୍ ହେଲଥ ସେଣ୍ଟର୍ ଦ୍ୱାରା ଏକ ଯୋଗ ଅଧିବେଶନ ଆୟୋଜିତ ହୋଇଥିଲା । ଟାଟା ଷ୍ଟିଲ୍ କଳିଙ୍ଗନଗରର ଚ଼ିଫ୍ ?, କୋଲ୍ଡ ରୋଲିଂ ମିଲ୍ ?, ପ୍ରବୀଣ ଥାମ୍ପୀ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ସେ ଗତ ସପ୍ତାହରେ ଆୟୋଜିତ ‘ସର୍ବୋତ୍ତମ ଯୋଗ ଆସନ’ ପ୍ରତିଯୋଗିତାର ବିଜେତାଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ସିକ୍ୟୁରିଟି ବିଭାଗ ମଧ୍ୟ ସେମାନଙ୍କ ଟ୍ରେନିଂ ଗ୍ରାଉଣ୍ଡରେ ପୃଥକ୍ ପୃଥକ୍ ଯୋଗ ଅଧିବେଶନ ଆୟୋଜନ କରିଥିଲା । ଏଥିରେ କମ୍ପାନୀର କର୍ମଚ଼ାରୀ ଓ ସେମାନଙ୍କ ପରିବାର୍ବର୍ଗଙ୍କ ମଧ୍ୟରେ ସୁସ୍ଥ ଜୀବନଶୈଳୀକୁ ପ୍ରୋତ୍ସାହିତ କରିବା ପାଇଁ ସଂସ୍ଥାର ପ୍ରତିଶ୍ରୁତି ପ୍ରଦର୍ଶିତ ହୋଇଥିଲା ।ଏହି ଅବସରରେ ୨୫୦ରୁ ଅଧିକ କର୍ମଚ଼ାରୀ ଏବଂ ସେମାନଙ୍କ ପରିବାରର୍ବର୍ଗ ଅଂଶଗ୍ରହଣ କରି, ଉତ୍ସାହର ସହିତ ଯୋଗ ଅଧିବେଶନରେ ଏକତା ଏବଂ କଲ୍ୟାଣ ଭାବନାକୁ ବଢ଼ାଇଥିଲେ । ସେହିଭଳି, ନୀଳାଚ଼ଳ ଇସ୍ପାତ ନିଗମ ଲିମିଟେଡ୍ (ଏନଆଇଏନଏଲ୍ ?) ପକ୍ଷରୁ ମଧ ପ୍ଲାଣ୍ଟ ?, ଏବଂ ଟାଉନସିପରେ ଆୟୋଜିତ ବିଭିନ୍ନ ଯୋଗ ଅଧିବେଶନରେ ୨୫୦ରୁ ଅଧିକ କର୍ମଚ଼ାରୀ ଏବଂ ସେମାନଙ୍କ ପରିବାର୍ବର୍ଗ ଅଂଶଗ୍ରହଣ କରିଥିଲେ ।ଟାଟା ଷ୍ଟିଲ୍ କଳିଙ୍ଗନଗର ଏବଂ ଏନଆଇଏନଏଲ୍ ଦ୍ୱାରା ଆୟୋଜିତ ଏପରି କାର୍ଯ୍ୟକ୍ରମ ପାଳନ ସଂସ୍ଥା କର୍ମଚ଼ାରୀଙ୍କ ସ୍ୱାସ୍ଥ୍ୟ ଓ ସୁଖସମୃଦ୍ଧି ପାଇଁ ପ୍ରତିବଦ୍ଧତାର ଏକ ପ୍ରମାଣ ।

# ଯାଜପୁରରେ ଡାଇରିଆ ନିୟନ୍ତ୍ରଣରେ ଟାଟା ଷ୍ଟିଲ ଫାଉଣ୍ଡେସନ୍ ସକ୍ରିୟ ଯୋଗଦାନ



କଳିଙ୍ଗନଗର, (ପି.ଏନ); ଯାଜପୁର ଜିଲ୍ଲାର ଦାନଗଦି ବ୍ଲକରେ ଡାଇରିଆ ରୋଗ ବ୍ୟାପିବା ପରେ ଟାଟା ଷ୍ଟିଲ ଫାଉଣ୍ଡେସନ୍ (ଟିଏସଏଫ) ଜିଲ୍ଲା ପ୍ରଶାସନ ଓ ସ୍ଥାନୀୟ ସ୍ୱାସ୍ଥ୍ୟ ବିଭାଗ ସହ ମିଶି ତ୍ୱରିତ ପଦକ୍ଷେପ ନେଇଛି । ଜୁନ ମାସର ଦ୍ୱିତୀୟ ସପ୍ତାହରେ ଆରମ୍ଭ ହୋଇଥିବା ଏହି ରୋଗ ପ୍ରତିରୋଧ ପାଇଁ ସଂସ୍ଥା ପକ୍ଷରୁ ଆମ୍ବୁଲାନ୍ସ ସେବା, ଔଷଧ ବଣ୍ଟନ ଓ ସଚେତନତା ଅଭିଯାନକୁ ସକ୍ରିୟ ଭାବେ ହାତକୁ ନିଆଯାଇଛି । ସ୍ୱାସ୍ଥ୍ୟ ବିଭାଗ ସହ ଯୋଗାଯୋଗ କରି ଟିଏସଏଫ ପ୍ରଭାବିତ ଅଞ୍ଚଳରୁ ରୋଗୀମାନଙ୍କୁ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚ଼ସି) ଓ ଯାଜପୁର ଜିଲ୍ଲା ଡାକ୍ତରଖାନାକୁ ନେବା ପାଇଁ ଆମ୍ବୁଲାନ୍ସ ସୁବିଧା ଯୋଗାଇ ଦେଇଛି । ଏଥିସହ ସରକାରୀ ମେଡିକାଲ ଟିମକୁ ଔଷଧ ସହିତ ପ୍ରଭାବିତ ଗ୍ରାମମାନଙ୍କରେ ପହଞ୍ଚାଇବା ପାଇଁ ଅତିରିକ୍ତ ଯାନବାହନର ବ୍ୟବସ୍ଥା କରିଛି ।ଏହା ବ୍ୟତୀତ, ଟିଏସଏଫ ଏକ ଅନ୍ୟ ଯାନ ଯୋଗାଇ ଦେଇଛି, ଯାହାକି ସରକାରୀ ଡାକ୍ତରୀ ଦଳ, ଔଷଧ ଏବଂ ଅନ୍ୟାନ୍ୟ ଜରୁରୀ ସାମଗ୍ରୀକୁ ପ୍ରଭାବିତ ଅଞ୍ଚଳକୁ ପଠାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଏଥିସହ, ଟିଏସଏଫ ନିୟମିତ ଭାବେ ସ୍ଥାନୀୟ ଲୋକମାନଙ୍କ ପାଇଁ ସ୍ୱାସ୍ଥ୍ୟ ସଚେତନତା ଭିତ୍ତିକ କାର୍ଯ୍ୟକ୍ରମମାନ ଆୟୋଜନ କରୁଛି । ଏହି କାର୍ଯ୍ୟକ୍ରମଗୁଡିକ ମୁଖ୍ୟତଃ ଡାଇରିଆ ଏବଂ କଲେରା ପ୍ରତିରୋଧ ଏବଂ ନିୟନ୍ତ୍ରଣ ଉପରେ ଧ୍ୟାନ ଦେଇ ଆୟୋଜିତ ହେଉଛି, ଯାହାଦ୍ୱାରା ସ୍ଥାନୀୟ ଲୋକଙ୍କୁ ସଚେତନ କରିବାରେ ସହାୟକ ହେଉଛି । ଏହି ସଚେତନତା ଉପକ୍ରମଗୁଡିକ ଟିଏସଏଫ କର୍ମଚ଼ାରୀ, ସ୍ୱେଚ୍ଛାସେବୀଙ୍କ ପ୍ରୟାସରେ ଆୟୋଜିତ ହେଉଥିବା ବେଳେ ରିଷ୍ଟା ଏବଂ ପୋଷଣ ପ୍ରୋଜେକ୍ଟର ମଧ୍ୟ ଏଥିରେ ସକ୍ରିୟ ଯୋଗଦାନ ରହିଛି ।

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray